# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 9/2024 Page 20 ₹ 7.00 | BALASORE

୫୦ଶ ଭାଗ ୧୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 106 ମୂଲ୍ୟ ₹୭/-



DSPL - 808

ODISHA INDIA'S BEST KEPT SECRET. | 5 | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା



# ନିଯୁକ୍ତି ପର୍ବ
ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

## ୧୨୯୪
## ନୂଆ ନିଯୁକ୍ତି

| ୭୨୫ | ୨୮୦ | ୧୨୯ |
|---|---|---|
| ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅର୍ଥ ବିଭାଗ | ଗ୍ରାମ୍ୟ ଉନ୍ନୟନ ବିଭାଗ |

## ୧୬୦ ଜଣ କୃତୀ କ୍ରୀଡ଼ାବିତ୍
ଇସ୍ପାତ ଏବଂ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗୃହ ବିଭାଗ

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୯ ମାର୍ଚ୍ଚ ୨୦୨୪ । ପୂର୍ବାହ୍ନ ୧୧ଟା ୪୫ମିନିଟ
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ଏବଂ
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ
ଆଭାସୀ ମାଧ୍ୟମରେ ଯୋଗଦାନ

OIPR-27068/13/0063/2324

## ଓଡ଼ିଶା ସରକାର

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ Bhubaneswar, Saturday, March 9/2024




ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪
Bhubaneswar, Saturday, March 9/2024




**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ସାହିତ୍ୟାୟନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

# ଆସନ ବୁଝାମଣାରେ ଅଟକିଛି

- **ଲୋକ ସଭା ଆସନ ଦାବିରେ ରାଜି, ବିଧାନସଭାରେ ୧୧୦ ତଳକୁ ଖସୁନି ବିଜେଡି**
- **ଭାଜପା ରାଜ୍ୟ ନେତୃତ୍ୱଙ୍କ ସହ ଶୀର୍ଷ ନେତୃତ୍ୱ କଲେନି ଆଲୋଚନା**
- **ଓଡ଼ିଶା ଫେରିଲେ ଉଭୟ ବିଜେଡି-ଭାଜପା ନେତା**

**ଭୁବନେଶ୍ୱର, ୮।୩(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ହେବା ଏକ ପ୍ରକାର ନିଶ୍ଚିତ ହୋଇଗଲାଣି। ପ୍ରଥମ ପର୍ଯ୍ୟାୟରେ ବିଜେଡିର ଆଗଧାଡ଼ିର ନେତାଙ୍କ ସହ ନବୀନ ନିବାସରେ ବୈଠକ ହୋଇଥିଲା। ସମାନ ଦିନରେ ଅର୍ଥାତ୍ ଗତ ବୁଧବାର ଭାଜପା ରାଜ୍ୟ ନେତୃତ୍ୱଙ୍କ ସହ ଦିଲ୍ଲୀରେ ମଧ୍ୟ ବିଜେଡି ସହିତ ମେଣ୍ଟକୁ ନେଇ ବୈଠକ ହୋଇଥିଲା। ଏହାର ଦିନକ ପରେ ଅର୍ଥାତ୍ ଗୁରୁବାର ଆସନ ବୁଝାମଣାକୁ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଏବଂ ପ୍ରଣବ ପ୍ରକାଶ ଦାସ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଭାଜପା କେନ୍ଦ୍ରୀୟ ନେତା ମଧ୍ୟ ଭାଜପା ରାଜ୍ୟ ନେତୃତ୍ୱଙ୍କୁ ଦିଲ୍ଲୀ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଲେ। ଏହି କ୍ରମରେ ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସକାଳୁ ପାଣ୍ଡିଆନ ଏବଂ ପ୍ରଣବ ଓଡ଼ିଶା ଫେରି ଆସିଥିବା ବେଳେ ସନ୍ଧ୍ୟାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଦଳର ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ମଧ୍ୟ ଫେରି ଆସିଛନ୍ତି। ଯାହା ଶୁଣାଯାଉଛି, ମେଣ୍ଟ ପୂର୍ବରୁ ଆସନ ବୁଝାମଣାକୁ ନେଇ ଯେଉଁ ଗୁରୁତ୍ୱପୂର୍ଣ୍ଣ କଥା ରହିଲା ସେଠାରେ ହିଁ କଥା ଅଟକିଛି। ଭାଜପା ଦାବି କରୁଥିବା ଲୋକ ସଭା ଆସନ ଦେବାକୁ ବିଜେଡି ସେତେଟା ଅନାଗ୍ରହୀ ନୁହେଁ ହେଲେ ବିଧାନସଭା ପାଇଁ ଯେଉଁ ବୁଝାମଣା ସେଥିରେ ହିଁ ମୂଳ ସମସ୍ୟା ରହିଯାଇଛି। ୧୦୦ରୁ ଅଧିକ ଆସନ ରଖିବାକୁ ବିଜେଡି ଏକ ପ୍ରକାର ଦାବି ଜୋର୍ କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଆସନ ବୁଝାମଣା ଲାଗି ବିଜେଡି ପକ୍ଷରୁ ଦିଲ୍ଲୀ ଯାଇଥିବା ୨ ନେତା ଲୋକ ସଭାର ୧୨ରୁ ୧୪ ମଧ୍ୟରେ ଆସନ ଛାଡ଼ିଦେବାକୁ କୁଣ୍ଠାବୋଧ କରିନାହାନ୍ତି। ହେଲେ ଯେତିକି ବିଧାନସଭା ଆସନ ଭାଜପା ଚାହୁଁଛି ସେଥିରେ ବିଜେଡି ରାଜି ନାହିଁ। ପ୍ରାୟ ୫୦ ବିଧାନସଭା ଆସନ ଭାଜପା ପକ୍ଷରୁ ଦାବି କରାଯାଇଥିଲା। ହେଲେ ଏକଥା ଶୁଣିବା ପରେ ବିଜେଡି ନେତା ସବୁ ନିର୍ବାଚନମଣ୍ଡଳୀ ଓ୍ୱାରି କରିଥିବା ସର୍ଭେ ରିପୋର୍ଟ ଭାଜପା କେନ୍ଦ୍ରୀୟ ନେତାଙ୍କ ଆଗରେ ରଖି ଦେଇଥିଲେ। ଆଉ ଓଡ଼ିଶାରେ ଭାଜପାର ବାସ୍ତବ ସ୍ଥିତି କ'ଣ ତାକୁ ଦେଖିବାକୁ କହିଥିଲେ। ବିଜେଡି ଉପସ୍ଥାପନ କରିଥିବା ରିପୋର୍ଟ ମୁତାବକ ଭାଜପା ରାଜ୍ୟରେ ଅତିବେଶି ହେଲେ ୨୦ରୁ ୨୫ ବିଧାନସଭା ଆସନ ନେବ। ତା'ଠାରୁ ଅଧିକ ଆସନ ଯେହେତୁ ଭାଜପା ନେଉନାହିଁ ତେଣୁ ବିଧାନସଭାରେ ଅତିବେଶିରେ ସର୍ଭେ ଅନୁଯାୟୀ ଆସନ ଛାଡ଼ିଦେବାକୁ ବିଜେଡି ରାଜି ଅଛି। ହେଲେ ଲୋକ ସଭାରେ ପାଖାପାଖି ୧୪ ଆସନ ଭାଜପାକୁ ଛାଡ଼ି ଦେବା ଲାଗି ବିଜେଡି ସହମତି ପ୍ରକାଶ କରିଛି। ଅପରପକ୍ଷରେ ଭାଜପା ରାଜ୍ୟ ନେତୃବୃନ୍ଦ ଏବଂ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ କିନ୍ତୁ ମେଣ୍ଟ ପାଇଁ କୁଆଡେ ରାଜି ହେଉ ନ ଥିବା କୁହାଯାଉଛି। ଏକଥାକୁ କେନ୍ଦ୍ରର ଶୀର୍ଷ ନେତୃତ୍ୱ ରାଜ୍ୟ ନେତୃବୃନ୍ଦଙ୍କ ସହ ମଧ୍ୟ ଆଲୋଚନା କରୁନାହାନ୍ତି। ☞ପୃଷ୍ଠା-୧୪


ଭଦ୍ରକ ଜିଲାର ପ୍ରସିଦ୍ଧ ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ମହାଶିବରାତ୍ରି ଉପଲକ୍ଷେ ଉପସ୍ଥିତ ଶ୍ରଦ୍ଧାଳୁ।

## ଏଲ୍‌ପିଜି ଦର ୧୦୦ ଟଙ୍କା ହ୍ରାସ କଲା କେନ୍ଦ୍ର

**ନୂଆଦିଲ୍ଲୀ,୮।୩**

ଲୋକ ସଭା ନିର୍ବାଚନ ପୂର୍ବରୁ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଲ୍‌ପିଜି ଦର ସିଲିଣ୍ଡର ପିଛା ୧୦୦ ଟଙ୍କା ହ୍ରାସ କରିଛନ୍ତି। ଫଳରେ ଶୁକ୍ରବାର ମଧ୍ୟରାତ୍ରରୁ ଗ୍ରାହକମାନେ ୧୪.୨ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡର ୧୦୦ ଟଙ୍କା ଶସ୍ତାରେ କିଣିପାରିବେ। ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର କମିଥିବାରୁ ସରକାର ରନ୍ଧନ ଗ୍ୟାସ୍ ଦର କମାଇଥିବାବେଳେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଉପରେ କୌଣସି ଘୋଷଣା କରାଯାଇ ନାହିଁ। ମହିଳା ଦିବସରେ ସରକାର ଏଲ୍‌ପିଜି ଦର ୧୦୦ ଟଙ୍କା କମାଇଥିବାରୁ ଦେଶର କୋଟି କୋଟି ପରିବାରର ଆର୍ଥିକ ବୋଝ ଲାଘବ ହେବ, ବିଶେଷ ☞ପୃଷ୍ଠା-୧୪

**ଆଜିର ସମ୍ପାଦକୀୟ**

**ଲାଟେରାଲ ଏଣ୍ଟ୍ରିରେ ତତ୍ପରତା**



ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ Bhubaneswar, Saturday, March 9/2024

## ଅମିତାଭ ଘୋଷଙ୍କୁ ଇରାସ୍ମସ୍ ପ୍ରାଇଜ୍



**କୋଟା,୮।୩:** ଜଳବାୟୁ ପରିବର୍ତ୍ତନ ଉପରେ ଲେଖୁଥିବା ଖ୍ୟାତନାମା ଲେଖକ ଅମିତାଭ ଘୋଷଙ୍କୁ ଚଳିତ ବର୍ଷ ନିମନ୍ତେ ସମ୍ମାନଜନକ ଇରାସ୍ମସ୍ ପୁରସ୍କାର ପ୍ରଦାନ କରାଯାଇଛି। 'ଇମାଜିନିଂ ଦ ଅନ୍‌ଥିଙ୍କେବଲ୍' ଶୀର୍ଷକ ପ୍ରସଙ୍ଗରେ ତାଙ୍କ ଉତ୍ସର୍ଗୀକୃତ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇଥିବା ନେଦରଲାଣ୍ଡସ୍‌ର ପ୍ରିମିୟମ୍ ଇରାସ୍‌ମିଏନମ୍ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

# କଂଗ୍ରେସକୁ ଆଇଟି ଟ୍ରିବ୍ୟୁନାଲ ଝଟକା

**ନୂଆଦିଲ୍ଲୀ,୮।୩**

କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଉପରେ ଆୟକର (ଆଇଟି) ବିଭାଗର କାର୍ଯ୍ୟାନୁଷ୍ଠାନ ବନ୍ଦ ଲାଗି ଦଳ ପକ୍ଷରୁ କରାଯାଇଥିବା ଆବେଦନକୁ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ ଶୁକ୍ରବାର ଖାରଜ କରିଦେଇଛନ୍ତି। ଫଳରେ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ଆୟକର ଟ୍ରିବ୍ୟୁନାଲଙ୍କ ରାୟକୁ ୧୦ ଦିନ ପାଇଁ ସ୍ଥଗିତ ରଖିବା ନିମନ୍ତେ ଦଳ ପକ୍ଷରୁ ଆଇନଜୀବୀ ବିବେକ ତଙ୍ଖା ଅପିଲ କରିଛନ୍ତି। ରାୟ ବିରୋଧରେ ଦଳ ଖୁବ୍‌ଶୀଘ୍ର ଦିଲ୍ଲୀ ହାଇକୋର୍ଟଙ୍କ

**ବ୍ୟାଙ୍କ ଆକାଉଣ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ ଆବେଦନ ଖାରଜ**

ଦ୍ୱାରସ୍ଥ ହେବ ବୋଲି କଂଗ୍ରେସ କୋଷାଧ୍ୟକ୍ଷ ଅଜୟ ମାକେନ୍ କହିଛନ୍ତି।

ସୂଚନାଯୋଗ୍ୟ ୨୦୧୮-୧୯ ଆର୍ଥିକ ବର୍ଷରେ କଂଗ୍ରେସ ୨୧୦ କୋଟି ଟଙ୍କାର ଟିକସ ଏବଂ ଜରିମାନା ପୈଠ କରି ନ ଥିବାରୁ ଆୟକର ବିଭାଗ ଏହାର ୧୧୫ କୋଟି ଟଙ୍କାର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଥିବା ଗତ ମାସ ୧୬ ତାରିଖରେ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହା ବିରୋଧରେ କଂଗ୍ରେସର ପିଟିଶନ ଆୟକର ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବାବେଳେ ଦଳର ୩ ବ୍ୟାଙ୍କ ଆକାଉଣ୍ଟରୁ ଆୟକର ବିଭାଗ ୬୫ କୋଟି ଟଙ୍କା ଉଠାଇ ନେଇଥିବା ଦିନକ ପରେ ମାକେନ୍ ଅଭିଯୋଗ ଆଣିଥିଲେ। ଭାଜପା କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଛି ବୋଲି କଂଗ୍ରେସ ଏହାର ଅଭିଯୋଗକୁ ଦୋହରାଇବା ସହ ଟିକସ ଦାବି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲା। ନିର୍ବାଚନ ପ୍ରସ୍ତୁତିକୁ ଭଣ୍ଡୁର କରିବା ପାଇଁ ଆୟକର ବିଭାଗ ଦ୍ୱାରା ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଭାଜପା ସରକାର ଆର୍ଥିକ ଆତଙ୍କବାଦ ସୃଷ୍ଟି କରିବା ସହ ନିର୍ବାଚନ ପୂର୍ବରୁ ମୁଖ୍ୟ ବିରୋଧୀ ଦଳକୁ ଅଚଳ କରିଦେବା ପାଇଁ ଉଦ୍ୟମ କରୁଛି ବୋଲି ଅଭିଯୋଗ ହୋଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ଆୟକର ବିଭାଗ ଦଳୀୟ ପାଣ୍ଠିକୁ ଜବତ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେବା ଗଣତନ୍ତ୍ର ଉପରେ ଆକ୍ରମଣ। ଏଭଳି ସ୍ଥିତିରେ ଜଣେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ କିପରି ଆଶା କରିବ ବୋଲି ମାକେନ୍ ପ୍ରଶ୍ନ କରିଛନ୍ତି। ଆମେ ଆୟକର ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ଏବଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ଟ୍ରିବ୍ୟୁନାଲ ନିଜର ପୂର୍ବ ରାୟକୁ ଅନୁସରଣ କରି ନାହାନ୍ତି। ପୂର୍ବରୁ ଏକ ରାୟରେ ଟ୍ରିବ୍ୟୁନାଲ ବକେୟା ଦେୟର ୨୦ ପ୍ରତିଶତ ପୈଠ କରିଥିବା ଏକ ଜାତୀୟ ଦଳକୁ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରିଥିଲେ ବୋଲି ଆଇନଜୀବୀ ତଙ୍ଖା କହିଛନ୍ତି।

# ନମାଜ ପଢୁଥିବା ଲୋକଙ୍କୁ ଗୋଇଠା ମାରି ପୋଲିସ ଅଫିସର ନିଲମ୍ବିତ

**ନୂଆଦିଲ୍ଲୀ,୮।୩**

ଉତ୍ତର ଦିଲ୍ଲୀର ଇନ୍ଦରଲୋକ ଅଞ୍ଚଳରେ ରାସ୍ତାରେ ନମାଜ ପାଠ କରୁଥିବା କେତେକ ଲୋକଙ୍କୁ ଗୋଇଠା ମାରିଥିବା ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ଦିଲ୍ଲୀ ପୋଲିସ ଶୁକ୍ରବାର ନିଲମ୍ବନ କରିଛି। ଅପରାହ୍ନ ୨ଟା ସମୟରେ ଇନ୍ଦରଲୋକ ମେଟ୍ରୋ ଷ୍ଟେଶନ ନିକଟରେ ଲୋକମାନେ 'ଜୁମେ କି ନମାଜ'(ଶୁକ୍ରବାରର ନମାଜ ପାଠ) କରୁଥିବାବେଳେ ପୋଲିସ ଅଫିସର ଜଣଙ୍କ ସେମାନଙ୍କୁ ଗୋଇଠା ମାରିଥିଲେ। ଉକ୍ତ ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଯୁକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଆଇନ ଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ସେଠାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ସବ୍‌ଇନ୍ସପେକ୍ଟରଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ତାଙ୍କ



ବିରୋଧରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡିସିପି(ଉତ୍ତର) ଏମ୍.କେ. ମୀନା କହିଛନ୍ତି।

## କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

**କୋଟା,୮।୩:** ରାଜସ୍ଥାନର କୋଟାରେ ଜେଇଇ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ୧୬ ବର୍ଷୀୟ ଛାତ୍ର ତାଙ୍କ ପିଜି ପ୍ରକୋଷ୍ଠରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଚଳିତ ବର୍ଷ କୋଟାରେ ଏହା ପଞ୍ଚମ ଆତ୍ମହତ୍ୟା। ବିଜ୍ଞାନ ନଗର ଥାନା ଅଞ୍ଚଳରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ଅଭିଷେକ ମଣ୍ଡଳଙ୍କ ଘର ବିହାରର ଭାଗଲପୁର। ଗତ ଜାନୁଆରୀ ୨୯ ଏବଂ ଫେବୃଆରୀ ୧୯ରେ ଅନୁଷ୍ଠିତ ଜେଇଇ ପ୍ରବେଶିକା ପରୀକ୍ଷାରେ ସେ ଯୋଗଦେଇ ନ ଥିଲେ। 'ସରି ପାପା, ମୋ ଦ୍ୱାରା ଜେଇଇ ହୋଇପାରିବ ନାହିଁ, ମୁଁ ଯାଉଛି' ବୋଲି ଅଭିଷେକ ଲେଖିଥିବା ଏକ ସୁଇସାଇଡ୍ ନୋଟ୍ ତାଙ୍କ ପ୍ରକୋଷ୍ଠରୁ ମିଳିଛି।

## ବିଦ୍ୟୁତ୍ ଆଘାତରେ ୧୪ ପିଲା ଅର୍ଦ୍ଧଦଗ୍ଧ

ମହାଶିବରାତ୍ରି ଅବସରରେ 'ଶିବ ବାରାତ'ରେ ସାମିଲ ହୋଇଥିବା ୧୪ ଜଣ ପିଲା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆଂଶିକ ପୋଡ଼ିଯାଇଛନ୍ତି। ରାଜସ୍ଥାନର କୁନ୍‌ହାରି ଥାନା ଅନ୍ତର୍ଗତ ସକାତୌରା ଅଞ୍ଚଳରେ ଶୁକ୍ରବାର ସକାଳେ ଏହି ଅଘଟଣ ଘଟିଛି। ୧୦ରୁ ୧୬ ବର୍ଷ ବୟସ୍କ ପିଲାଙ୍କ ମଧ୍ୟରୁ ୨ ଜଣଙ୍କ ଶରୀର ଯଥାକ୍ରମେ ୧୦୦% ଓ ୫୦ % ପୋଡ଼ିଯାଇଛି। ସମସ୍ତଙ୍କୁ କୋଟାର ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## କାମିୟାଙ୍କୁ ନ୍ୟାଶନାଲ କ୍ରିଏଟର୍ସ ଆୱାର୍ଡ ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୮।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୟୁଟ୍ୟୁବର କାମିୟା ଜାନିଙ୍କୁ ପ୍ରଥମ ନ୍ୟାଶନାଲ କ୍ରିଏଟର୍ସ ଆୱାର୍ଡ ଦେଇଛନ୍ତି। ୩୨ ବର୍ଷୀୟା କାମିୟା ହେଉଛନ୍ତି, ସେହି ୟୁଟ୍ୟୁବର, ଯାହାଙ୍କ ପୁରୀ ଶ୍ରୀମନ୍ଦିରରେ ପ୍ରବେଶକୁ ନେଇ କିଛି ମାସ ତଳେ ବିବାଦ ସୃଷ୍ଟି ହୋଇଥିଲା। ଭାଜପା ତାଙ୍କୁ ଜଣେ ଗୋମାଂସ ଭକ୍ଷକ ବୋଲି ଅଭିହିତ କରି ଓଡ଼ିଶାର ଶାସକ ବିଜେଡିକୁ ଟାର୍ଗେଟ କରିଥିଲା। ତେବେ କାମିୟା ବିଫ୍ ଖାଆନ୍ତି ନାହିଁ ବୋଲି ପରବର୍ତ୍ତୀ ସମୟରେ ଏକ ଭିଡିଓ ଜାରି କରି ସଫେଇ ଦେଇଥିଲେ।



୧୯୮୮ରେ ମୁମ୍ବାଇରେ ଜନ୍ମିତ କାମିୟା ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ବେଷ୍ଟ ଟ୍ରାଭେଲ କ୍ରିଏଟର ଆୱାର୍ଡ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଦେଶବ୍ୟାପୀ ମନ୍ଦିର ପ୍ରତିଷ୍ଠା କରିଥିବାରୁ ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସାମାଜିକ ପରିବର୍ତ୍ତନ, ପରିବେଶ, ଶିକ୍ଷା ଓ ଗେମିଂ ଭଳି କ୍ଷେତ୍ରରେ ସୃଜନଶୀଳତାକୁ ସକାରାତ୍ମକ ରୂପ ଦେବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟଙ୍କୁ ସ୍ୱୀକୃତି ପ୍ରଦାନ ପାଇଁ ଏହି ପୁରସ୍କାର ଆରମ୍ଭ କରାଯାଇଛି। ୨୦ଟି ବର୍ଗରେ ୧.୫ ଲକ୍ଷ ନାମାଙ୍କନ କରାଯାଇଥିଲା। ଡିଜିଟାଲ କ୍ରିଏଟର୍ସ ବର୍ଗରେ ୧୦ ଲକ୍ଷ ଭୋଟ ପଡ଼ିଥିଲା। ଏହା ପରେ ୩ ଅନ୍ତର୍ଜାତୀୟ କ୍ରିଏଟରଙ୍କ ସମେତ ୨୩ ଜଣଙ୍କୁ ବିଜେତା ଭାବେ ଚୟନ କରାଯାଇଥିଲା।

## ମଣିପୁରରେ ଆଉ ଜଣେ ସେନା ଅଧିକାରୀ ଅପହୃତ

**ଇମ୍ଫାଲ,୮।୩**

ମଣିପୁରରେ ଭାରତୀୟ ସେନାର ଜଣେ ଅଧିକାରୀଙ୍କୁ ଶୁକ୍ରବାର ତାଙ୍କ ଘରୁ ଅପହରଣ କରିନିଆଯାଇଛି। ଗତବର୍ଷ ମେ'ରେ ଜାତିଆଣ ହିଂସା ଆରମ୍ଭ ହେବା ପରଠୁ ଏହା ହେଉଛି ଏଭଳି ଚତୁର୍ଥ ଘଟଣା। ଜୁନିୟର କମିଶନ୍ଡ ଅଫିସର (ଜେସିଓ) କୋନ୍‌ସାମ ଖେଡା ସିଂ ଥୋଉବାଲ ଜିଲାର ବାସିନ୍ଦା। ସେ ଛୁଟିରେ ନିଜ ଘରକୁ ଆସିଥିଲେ। ପୂର୍ବାହ୍ନ ୯ଟାରେ ସେ ଘରେ ଥିବାବେଳେ ଅଜ୍ଞାତ ବ୍ୟକ୍ତିମାନେ ତାଙ୍କୁ ଏକ ଗାଡ଼ିରେ ଉଠାଇନେଇଥିଲେ। ଜେସିଓଙ୍କୁ ଉଦ୍ଧାର କରିବା ପାଇଁ ତଲାସି ଅଭିଯାନ ଚାଲିଛି। ଜାତୀୟ ରାଜପଥ ନମ୍ବର ୧୦୨ରେ ଯାତାୟାତ କରୁଥିବା ସମସ୍ତ ଯାନବାହନକୁ ଯାଞ୍ଚ କରାଯାଉଛି। ଅପହରଣର କାରଣ ଜଣାପଡ଼ିନାହିଁ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ | Bhubaneswar, Saturday, March 9/2024 | ପୃଷ୍ଠା-୧

# ୱାୟନାଡ୍‌ରୁ ପୁଣି ଲଢ଼ିବେ ରାହୁଲ

## କଂଗ୍ରେସ ଜାରିକଲା ୩୯ ଜଣିଆ ପ୍ରାର୍ଥୀ ତାଲିକା

**ନୂଆଦିଲ୍ଲୀ,୮।୩**

କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳର ୱାୟନାଡ୍ ଲୋକ ସଭା ଆସନରୁ ପୁନର୍ବାର ଦଳୀୟ ପ୍ରାର୍ଥୀ ହେବେ। ଶୁକ୍ରବାର ରାତିରେ କଂଗ୍ରେସ ପକ୍ଷରୁ ଜାରି ୩୯ ଜଣିଆ ପ୍ରାର୍ଥୀ ତାଲିକାରୁ ଏହା ସ୍ପଷ୍ଟ ହୋଇଛି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ୱାୟନାଡ୍ ସହ ଅମେଠି ଏବଂ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ମା' ସୋନିଆ ଗାନ୍ଧୀଙ୍କ ପୂର୍ବ ଆସନ ରାଏବରେଲିରୁ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଏହି ପ୍ରଥମ ପର୍ଯ୍ୟାୟପ୍ରାର୍ଥୀ ତାଲିକାରେ ଓଡ଼ିଶାର କୌଣସି ନେତାଙ୍କୁ ସ୍ଥାନ ମିଳିନାହିଁ।

ପ୍ରକାଶିତ ତାଲିକା ଅନୁସାରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କେରଳର ଆଲାପ୍ପୁଝା ଓ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ରାଜନନ୍ଦଗାଓଁରୁ ଲଢ଼ିବେ। ସେହିପରି ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କୁ ଏହି ଆସନରୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ଜ୍ୟୋତ୍ସ୍ନା ମହନ୍ତଙ୍କୁ କୋର୍ବା, ମକରଧ୍ୱଜ ସାହୁଙ୍କୁ ମହାସମୁନ୍ଦ ଆସନରୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦଳ ସୁଯୋଗ ଦେଇଛି। ବେଣୁଗୋପାଳ



କହିଛନ୍ତି, ଏହି ତାଲିକାରେ ୧୫ ଜଣ ସାଧାରଣ ସମ୍ପାଦକ ଏବଂ ଏସ୍‌ସି, ଏସ୍‌ଟି, ଓବିସି ବର୍ଗର ୨୪ ପ୍ରାର୍ଥୀ ରହିଛନ୍ତି। ଏହି ତାଲିକା

### ଓଡ଼ିଶାରୁ କାହା ନାମ ନାହିଁ

ଯୁବ ଓ ଅଭିଜ୍ଞତା ସମ୍ପନ୍ନ ପ୍ରାର୍ଥୀଙ୍କ ଉପଯୁକ୍ତ ସମାହାର ବୋଲି କଂଗ୍ରେସ କୋଷାଧ୍ୟକ୍ଷ ଅଜୟ ମାକେନ୍ କହିଛନ୍ତି। ୧୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୦ ଲୋକ ସଭା ଆସନରେ ପ୍ରାର୍ଥୀ ଦେବା ନେଇ ଗୁରୁବାର କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦିଲ୍ଲୀ, କର୍ଣାଟକ, କେରଳ, ଛତିଶଗଡ଼, ☞ପୃଷ୍ଠା-୧୪

# କୋଣାର୍କ ମୂର୍ତ୍ତି ବି ମିନି ସ୍କର୍ଟ ପିନ୍ଧିଛନ୍ତି: ମୋଦି

**ନୂଆଦିଲ୍ଲୀ,୮।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କୋଣାର୍କ ସୂର୍ଯ୍ୟ ମନ୍ଦିରର ପ୍ରାଚୀନ କଳାକୃତିକୁ ଆଧୁନିକତା ସହ ଯୋଡ଼ିବାକୁ ଉଦ୍ୟମ କରିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ନ୍ୟାଶନାଲ କ୍ରିଏଟର୍ସ ଆୱାର୍ଡ ଉତ୍ସବ ଉଦ୍‌ଘାଟନ ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁ ଲୋକ ମିନି ସ୍କର୍ଟକୁ ଆଧୁନିକତାର ପ୍ରତୀକ ବୋଲି ମନେକରନ୍ତି। ଆପଣ କୋଣାର୍କକୁ ଗଲେ ସେଠାରେ ଥିବା ଶତାବ୍ଦୀ ପୁରୁଣା ମୂର୍ତ୍ତିଗୁଡ଼ିକ ମଧ୍ୟ ଏଭଳି ମିନି ସ୍କର୍ଟ ପିନ୍ଧି ହାତରେ ପର୍ସ ଧରିଥିବା ଦେଖିବାକୁ ପାଇବେ। ଅନେକ ଶହ ବର୍ଷ ପୂର୍ବେ ଆମ ସ୍ଥାପତ୍ୟରେ ଭାରତୀୟମାନେ ଫ୍ୟାଶନକୁ ନେଇ ସଚେତନ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୧୪

# ସୁଧା ମୂର୍ତ୍ତି ରାଜ୍ୟ ସଭାକୁ ମନୋନୀତ

**ନୂଆଦିଲ୍ଲୀ,୮।୩**

ବିଶିଷ୍ଟ ସମାଜସେବୀ ତଥା ଲେଖିକା ସୁଧା ମୂର୍ତ୍ତିଙ୍କୁ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟ ସଭାକୁ ମନୋନୀତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିବିଧ କ୍ଷେତ୍ର ପ୍ରତି ତାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଉକ୍ତ ସଦନରେ ସୁଧାଙ୍କ ଉପସ୍ଥିତି ନାରୀ ଶକ୍ତିର ଏକ ଶକ୍ତିଶାଳୀ ସାକ୍ଷ୍ୟ, ଯାହାକି ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣରେ ମହିଳାମାନଙ୍କ ଶକ୍ତି ଓ ସମ୍ଭାବନାର ପ୍ରତୀକ ବୋଲି ମୋଦି ନିଜ ଏକ୍ସ' ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି।



ଏଥିସହ ତାଙ୍କୁ ରାଜ୍ୟ ସଭାରେ ଏକ ଫଳପ୍ରଦ କାର୍ଯ୍ୟକାଳର କାମନା କରିଛନ୍ତି। ଦେଶ ସେବା ପାଇଁ ସୁଯୋଗ ମିଳିଥିବାରୁ ଏହି ଅବସରରେ ☞ପୃଷ୍ଠା-୧୪






ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। –ଶ୍ରୀମା

-ବୈଷ୍ଣବ ସମ୍ମତ ମହାଶିବରାତ୍ରି, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# ଲାଟେରାଲ ଏଣ୍ଟ୍ରିରେ ତତ୍ପରତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ରେ ଧୁମ୍‌ଧାମ୍‌ରେ ଲାଟେରାଲ ଏଣ୍ଟ୍ରି (ବିଭିନ୍ନ ଘରୋଇ ବିଭାଗର ବିଶେଷଜ୍ଞମାନଙ୍କୁ ସରକାରୀ ବିଭାଗରେ ଅପସ୍ଥାପିତ କରିବା ପ୍ରକ୍ରିୟା) ଆରମ୍ଭ କରିଥିଲେ। ପ୍ରଥମରୁ ଏହା ଉପରେ ଭଲ ପ୍ରତିକ୍ରିୟା ଆସିଥିଲା ଏବଂ ତାହା କିଛିଦିନ ପରେ ଥମିଗଲା। କିନ୍ତୁ ବର୍ତ୍ତମାନ ମୋଦିଙ୍କ ଦ୍ୱିତୀୟ ପାଳି କାର୍ଯ୍ୟକାଳ ଶେଷ ହୋଇ ଆସୁଥିବାବେଳେ ଲାଟେରାଲ ଏଣ୍ଟ୍ରି ପ୍ରତ୍ୟାବର୍ତ୍ତନ କରିଛି। ସମ୍ପ୍ରତି ମୋଦିଙ୍କ ନେତୃତ୍ୱରେ କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୩ଜଣ ଯୁଗ୍ମ ସଚିବ ଏବଂ ୨୨ ଜଣ ନିର୍ଦ୍ଦେଶକ / ଉପ ସଚିବଙ୍କ ନିଯୁକ୍ତିକୁ ସବୁଜ ସଙ୍କେତ ଦେଇଛି। ପାରମ୍ପରିକ ଭାବେ ଏହି ପଦବୀଗୁଡ଼ିକରେ ଆଇଏଏସ୍ , ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଅନ୍ୟାନ୍ୟ ସର୍ବଭାରତୀୟ ଗ୍ରୁପ୍-ଏ ସେବା ଅଧିକାରୀମାନେ ନିଯୁକ୍ତ ହୋଇଥାନ୍ତି । କିନ୍ତୁ ଲାଟେରାଲ ଏଣ୍ଟ୍ରି ଯୋଗୁ ସେହି ପରମ୍ପରା ଆଉ ନାହିଁ। ଏହି ଯୋଜନା ଆରମ୍ଭ ହେଲାବେଳେ କାର୍ମିକ ମନ୍ତ୍ରଣାଳୟ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ତତ୍ତ୍ୱାବଧାନରେ ୧୦ ଅଧିକାରୀଙ୍କୁ ଆଣି ଯୁଗ୍ମ ସଚିବ ପଦରେ ନିଯୁକ୍ତି ଦେଇଥିଲା । ପରେ ୨୦୨୧ରେ ୟୁପିଏସ୍‌ସି ବିଭିନ୍ନ ବିଭାଗରେ ଯୁଗ୍ମସଚିବ, ନିର୍ଦ୍ଦେଶକ ଏବଂ ଉପ ସଚିବ ନିଯୁକ୍ତି ପାଇଁ ୩୧ ପ୍ରାର୍ଥୀଙ୍କୁ ସୁପାରିସ କରିଥିଲା। ଆଜି ପର୍ଯ୍ୟନ୍ତ ୮ ଯୁଗ୍ମ ସଚିବ, ୧୬ ନିର୍ଦ୍ଦେଶକ ଏବଂ ୯ ଉପ ସଚିବଙ୍କ ସମେତ ୩୩ ଜଣ ବେସରକାରୀ କ୍ଷେତ୍ରର ବିଶେଷଜ୍ଞ ସରକାରରେ ଯୋଗ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଦୁଇ ଯୁଗ୍ମ ସଚିବ ସେମାନଙ୍କର ୩ ବର୍ଷର କାର୍ଯ୍ୟ ସମାପ୍ତ କରିଛନ୍ତି। ଭାରତରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ନୂତନ ପର୍ଯ୍ୟାୟ ଲାଟେରାଲ ନିଯୁକ୍ତିକୁ ନୂଆ ସରକାର ଶପଥ ଗ୍ରହଣ କରିବା ଯାଏ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ମୋଦି ତାଙ୍କ ତୃତୀୟ ପାଳି ପାଇଁ ନିଶ୍ଚିତ ଥିବାରୁ ତାଙ୍କ କ୍ୟାବିନେଟ ସହକର୍ମୀ ଏବଂ ବରିଷ୍ଠ ବାବୁଙ୍କୁ ନେଇ ନିର୍ବାଚନ ପର ପାଇଁ ୧୦୦ ଦିନିଆ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି।

### ନିଯୁକ୍ତି ଅଟକିଛି

ଇନ୍‌କମ୍ ଟ୍ୟାକ୍ସ ଆପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି)ରେ ୧୮ ଜଣ ନ୍ୟାୟିକ ସଦସ୍ୟ ଏବଂ ୨୨ ଜଣ ଆକାଉଣ୍ଟାଣ୍ଟଙ୍କ ନିଯୁକ୍ତି ଉପରେ କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) ମୋହର ମାରିବା ସତ୍ତ୍ୱେ ଏମାନେ ଆଇନ ମନ୍ତ୍ରଣାଳୟର ଔପଚାରିକ ନିର୍ଦ୍ଦେଶକୁ ଅପେକ୍ଷା କରିଛନ୍ତି। ଔପଚାରିକ ନିର୍ଦ୍ଦେଶ ପ୍ରଦାନରେ ଅହେତୁକ ବିଳମ୍ବକୁ ଏନ୍‌ସିଏଲ୍‌ଟି, ସିଇଏସ୍‌ଏଟି ଏବଂ ସିଏଟି ଭଳି ଟ୍ରିବ୍ୟୁନାଲରେ ଦ୍ରୁତ ନିଯୁକ୍ତି ପଦକ୍ଷେପ ସହିତ ତୁଳନା କଲେ ଦେଖାଯାଏ ଯେ, ସେଗୁଡ଼ିକରେ ସଦସ୍ୟମାନେ ଗତ ବର୍ଷ ନଭେମ୍ବରରେ ଏସିସି ବିଜ୍ଞପ୍ତିର ମାତ୍ର ଦୁଇ ସପ୍ତାହ ମଧ୍ୟରେ ଆନୁଷ୍ଠାନିକ ନିର୍ଦ୍ଦେଶ ଗ୍ରହଣ କରିଥିଲେ। କିନ୍ତୁ ଆଇଟିଏଟି ସଦସ୍ୟଙ୍କ ପାଇଁ ସ୍ଥିତି ଭିନ୍ନ ମନେହୁଏ. ଯେଉଁଥିରେ ସେମାନେ ଅନିଶ୍ଚିତତା ଅବସ୍ଥାରେ ରହନ୍ତି। କେତେକ ଅନୁମାନ କରନ୍ତି ଯେ, ୪୦ ଜଣ ବରିଷ୍ଠ ଅଧିକାରୀଙ୍କ ପାଇଁ ନିଯୁକ୍ତି ପତ୍ର ଚୂଡ଼ାନ୍ତ ହେବାକୁ ଥିବାରୁ ଏଭଳି ବିଳମ୍ବ ଘଟୁଛି। ଏମାନଙ୍କୁ କେତେଦିନ ଅପେକ୍ଷା କରିବାକୁ ହେବ ତାହା କହିହେବନି ବୋଲି ଆଉ କେତେକେ କୁହନ୍ତି। ନିଯୁକ୍ତି ପାଇବାକୁ ଥିବା ୪୦ ଜଣଙ୍କର ୪ ବର୍ଷର କାର୍ଯ୍ୟକାଳ ରହିବ କିମ୍ବା ସେମାନେ ୬୭ ବର୍ଷ ବୟସ ହେବା ପର୍ଯ୍ୟନ୍ତ ପଦବୀରେ ରହିବେ। ଏହି ବିଳମ୍ବ କେବଳ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁନାହିଁ, ବରଂ ଏକ ଯାଞ୍ଚ ଆବଶ୍ୟକ କରୁଛି। ଏହା ମଧ୍ୟ ଆଇନ ମନ୍ତ୍ରଣାଳୟର ବାବୁଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଛି। ସମ୍ଭବତଃ, ସେମାନେ ଆଇଟିଏଟି ପରି ଏକ ଅନୁଷ୍ଠାନର କାର୍ଯ୍ୟକୁ ସୁନିଶ୍ଚିତ କରିବା ବଦଳରେ ଅଧିକ ଜରୁରୀ ବିଷୟଗୁଡ଼ିକ ଉପରେ ଗଭୀର ବିଚାର କରୁଛନ୍ତି।

### ଡିସି ପରିବର୍ତ୍ତନ

ନିକଟରେ ରାଜସ୍ଥାନରେ ଡିଭିଜନାଲ କମିଶନର(ଡିସି) ଏବଂ ଜିଲାପାଳଙ୍କ ବଦଳି ଘଟଣାର ଅନେକ ଉଲ୍ଲେଖନୀୟ ବିଷୟକୁ ନେଇ ଉତ୍ସୁକତା ପ୍ରକାଶ ପାଇଛି। ରାଜସ୍ଥାନରେ ସରକାର ପରିବର୍ତ୍ତନ ହୋଇଥିବା ସତ୍ତ୍ୱେ ବିଭିନ୍ନ ଡିଭିଜନରେ ପୂର୍ବର ଅଶୋକ ଗେହଲଟଙ୍କ ସରକାର ସମୟରେ ନିଯୁକ୍ତ ହୋଇଥିବା ଅଧିକାଂଶ ଡିଭିଜନାଲ କମିଶନର ସେମାନଙ୍କ ପଦବୀରେ ଏବେ ବି ରହିଛନ୍ତି। କେବଳ ଜଣେ ଅର୍ଥାତ୍ ମହେଶ ଚାନ୍ଦ ଶର୍ମାଙ୍କୁ ଆଜମେରର ଡିଭିଜନାଲ କମିଶନର ଭାବେ ନିଯୁକ୍ତ କରାଯାଇଛି। ଉଲ୍ଲେଖନୀୟ ଯେ କୋଟା, ପାଲି ଓ ବିକାନେର ଡିଭିଜନରେ କମିଶନରଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି। ତେବେ ନିର୍ଦ୍ଦିଷ୍ଟ ଭାବେ କମିଶନର ପ୍ରତିଭା ସିଂ, ବନ୍ଦନା ସିଂ ଏବଂ ଉର୍ମିଳା ରାଜୋରିଆଙ୍କୁ ବଦଳି କରାଯିବାର କାରଣ ଅସ୍ପଷ୍ଟ ରହିଛି। ଜୟପୁରରୁ ଆରୁଷୀ ମୈକ ଏବଂ ଭନ୍‌ସ୍ୱରାରୁ ନୀରଜ କେ.ପୱନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ବିଷୟରେ ଆଲୋଚନା ହୋଇଥିବାବେଳେ କେବଳ ଏହି ୩ ଜଣ ଡିସିଙ୍କୁ କାହିଁକି ଚୟନ କରାଯାଇ ବଦଳି କରାଯାଇଥିଲା। କେବଳ ଏହି ଦୁଇ ଡିସି ମୈକ ଓ ପୱନ ସିଧାସଳଖ ଆଇଏଏସ୍ ଅଧିକାରୀ ଭାବରେ ନିଯୁକ୍ତି ପାଇଛନ୍ତି । ଅବଶିଷ୍ଟ ୭ ଡିସି ପ୍ରମୋଟି ଆଇଏଏସ୍ । ସେହିଭଳି ଭଜନଲାଲ ଶର୍ମା ସରକାର ଜୟପୁର, ଉଦୟପୁର ଏବଂ ଆଜମେର ବ୍ୟତୀତ ପ୍ରାୟ ଅନ୍ୟ ସବୁ ଜିଲାରେ ଜିଲାପାଳଙ୍କୁ ଅଦଳବଦଳ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଜିଲାଗୁଡ଼ିକ ମଧ୍ୟ ଡିଭିଜନାଲ ହେଡ୍‌କ୍ୱାର୍ଟର ଭାବେ କାର୍ଯ୍ୟ କରନ୍ତି । ଅନ୍ୟ ଜିଲାରେ ପରିବର୍ତ୍ତନ କରାଯାଇଥିବା ସତ୍ତ୍ୱେ ପ୍ରକାଶ ରାଜପୁରୋହିତ, ଅରବିନ୍ଦ ପୋସ୍‌ୱାଲ ଏବଂ ଭାରତୀ ଦୀକ୍ଷିତଙ୍କ ପରି ଜିଲାପାଳଙ୍କୁ ରଖିବା ନିଷ୍ପତ୍ତି ସେମାନଙ୍କ ଅଭିଜ୍ଞତା ଏବଂ କାର୍ଯ୍ୟଦକ୍ଷତା ଉପରେ ଆଧାରିତ ବୋଲି ମନେହୁଏ। ସାମଗ୍ରିକ ଭାବରେ ଏହି ବଦଳିଗୁଡ଼ିକ ଉଭୟ ନିରନ୍ତରତା ଏବଂ ପରିବର୍ତ୍ତନକୁ ସୂଚିତ କରେ।

Email: dilipcherian@gmail.com

# ଶ୍ରେଣୀକକ୍ଷରୁ ରାଜରାସ୍ତା



ଅକ୍ଷୟ କୁମାର ମିଶ୍ର

ମୋ ବୟସ ପଚାଶ ଟପିଲାଣି। ମୁଁ ଜଣେ ଶିକ୍ଷୟିତ୍ରୀ। ଶ୍ରେଣୀ କକ୍ଷରେ ମୁଁ ପଚିଶି ବର୍ଷରୁ ଊର୍ଦ୍ଧ୍ୱ କାଳ ନିରବଚ୍ଛିନ୍ନ ଭାବେ ଶିକ୍ଷାଦାନ କରି ଚାଲିଛି। ଏହାରି ଭିତରେ ମୋ ବିଦ୍ୟାଳୟରୁ ଏକ ହଜାରରୁ ଅଧିକ ଛାତ୍ରୀଛାତ୍ର ଉତ୍ତମ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେଣି। ଏମାନଙ୍କ ମଧ୍ୟରୁ ଅନେକ ଉଚ୍ଚ ଶିକ୍ଷା ଲାଭ କରି ଡାକ୍ତର, ଇଞ୍ଜିନିୟର, ଶିକ୍ଷକ, ଅଧ୍ୟାପକ ହୋଇ ନିଜ ନିଜ କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କଲେଣି। ହେଲେ ମୁଁ ବିଚାରି ଶିକ୍ଷୟିତ୍ରୀଟିଏ ଆଖିର ଲୁହକୁ ଆଖିରେ ମାରି ମରି ମରି ବଞ୍ଚୁଛି। ପଚିଶ ବର୍ଷରୁ ଅଧିକ କାଳ ବିନା ଦରମାରେ କାର୍ଯ୍ୟ କରୁଛି। ସ୍ୱାମୀ ମଧ୍ୟ ଏହିପରି ଏକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ପନ୍ଦର ବର୍ଷ ବିନା ଦରମାରେ ଖଟି ସାରିବା ପରେ ଇସ୍ତଫା ଦେଇଦେଲେ। କହିଲେ ଦୁଇଜଣ ଯାକ ବିନା ଦରମାରେ ଖଟିଲେ ସଂସାର ଚଳିବ କେମିତି ? ଋଣରେ ଅଟୋ ରିକ୍ସା କରିଛନ୍ତି। ଯାହା ରୋଜଗାର କରନ୍ତି ସେଇଥିରେ ଅତି କଷ୍ଟରେ ସଂସାର ଚାଲେ।

ପ୍ରଥମରୁ ଶିକ୍ଷୟିତ୍ରୀଟିଏ ହେବା ପାଇଁ ଭାରି ଇଚ୍ଛା ଥିଲା। ବି.ଏଡ୍. ପାସ୍ ଯେଉଁ ବର୍ଷ କଲି ସେହି ବର୍ଷ ଆମ ପଞ୍ଚାୟତର ଲୋକମାନେ ଏକାଠି ହୋଇ ଗୋଟିଏ ଉଚ୍ଚ ବିଦ୍ୟାଳୟ ସ୍ଥାପନ କଲେ। ବାପାଙ୍କ ପରାମର୍ଶ କ୍ରମେ ସେହି ବିଦ୍ୟାଳୟରେ ନିଯୁକ୍ତି ନେଲି। ଦିନେ ସନ୍ଧ୍ୟା ସମୟରେ କିଛି ଲୋକ ଆସି ମୋତେ ବୁଝାଇଲେ ଓ ଚାରି ବର୍ଷ ପରେ ଦରମା ମିଳିଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଶୁଣାଇଲେ। ଭାବିଲି ଚାରିବର୍ଷ ପରେ ଯଦି ଦରମା ମିଳିଯିବ ତେବେ କ୍ଷତି କ'ଣ। ସରକାରଙ୍କଠୁ ଅନୁମତି ମିଳିଲା। ପରେ ପରେ ନବମ ଓ ଦଶମ ଶ୍ରେଣୀର ସ୍ୱୀକୃତି ମିଳିଲା। ନିଜ ଅଧୀନରେ ପିଲାମାନେ ବୋର୍ଡ ପରୀକ୍ଷା ଦେଲେ। ଅଞ୍ଚଳବାସୀଙ୍କ ଖୁସି କହିଲେ ନ ସରେ। କିନ୍ତୁ ମୋ ଜୀବନ ଦୁଃଖ, ଦୁର୍ଦ୍ଦଶାର ଘନ କୁହୁଡ଼ିରେ ଅନ୍ଧକାରାଚ୍ଛନ୍ନ। ଚାରି ବର୍ଷ ପରେ ଦରମା ମିଳିଯିବାର ପ୍ରତିଶ୍ରୁତି ଯେଉଁମାନେ ଦେଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମରିହଜି ଗଲେଣି। ଯେଉଁମାନେ ଜୀବିତ ଅଛନ୍ତି ସେମାନେ ନିଜକୁ ଦୋଷ ଦେଇ କୁହନ୍ତି ''ଝିଅରେ, ତୋ ଭବିଷ୍ୟତଟାକୁ ଆମେ ନଷ୍ଟ କରିଦେଲୁ। ତୁ ଆମକୁ କ୍ଷମା କରିଦେବୁ। ସତ କହିବାକୁ ଗଲେ ନଦୀର ବାଙ୍କ ଭଳି ସରକାରୀ ନିୟମରେ ଏତେ ଫାଙ୍କ ଅଛି ବୋଲି ଆମେ ଜାଣି ନ ଥିଲୁ । ପୁନର୍ବାର ମନକୁ ଆସେ ଏଇ ବର୍ଷ ସରକାର ଶୁଣିବେ, ଆମେ ଅନୁଦାନ ପାଇବୁ। ଏଇମିତି ବର୍ଷ ପରେ ବର୍ଷ ପଚିଶ ବର୍ଷ ବିତିଗଲା। ବିଧାନସଭା କିମ୍ବା ପଞ୍ଚାୟତ ନିର୍ବାଚନ ଆସିଲେ ମୋ ଭଳି ଶିକ୍ଷକ, ଶିକ୍ଷୟିତ୍ରୀମାନେ ପରସ୍ପର ଭିତରେ କୁହାକୁହି ହୁଅନ୍ତି, ଏଥର ହୋଇଯିବ। ଆମେ ମେଳି ବାନ୍ଧୁ।



ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରୁ।

ଗଣମାଧ୍ୟମ ସମ୍ମୁଖରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି କାନ୍ଦି ନିଜର ଦୁଃଖକୁ ପ୍ରକାଶ କରୁଥିବା ଜଣେ ଶିକ୍ଷୟିତ୍ରୀର ଏ ହେଉଛି ହୃଦୟସ୍ପର୍ଶୀ କରୁଣ ଅଭିବ୍ୟକ୍ତି। ଅନେକେ ବିଶ୍ୱାସ କରୁ ନ ଥିବେ ଯେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସତରେ ଏମିତି ଦୀର୍ଘ ବର୍ଷ ଧରି ଦରମା ମିଳେନାହିଁ ବୋଲି। ଏହାର ସତ୍ୟାସତ୍ୟ ଜାଣିବାକୁ ହେଲେ ଆମ ରାଜ୍ୟର ବିଧାନସଭା ସମ୍ମୁଖରେ ଥିବା ଗାନ୍ଧୀ ମାର୍ଗକୁ ଯିବାକୁ ପଡ଼ିବ; ଯେଉଁଠି ବର୍ଷ ତମାମ ବିଭିନ୍ନ ସଂଗଠନ ତରଫରୁ ବିଭିନ୍ନ ତରିକାରେ ଆନ୍ଦୋଳନ ହୁଏ, ଲୋକେ ମଜାରେ ଏହି ମାର୍ଗକୁ ଆନ୍ଦୋଳନ ମାର୍ଗ ବୋଲି କହିବା ଆରମ୍ଭ କଲେଣି। ଏହା ମଧ୍ୟ ସତ୍ୟ ଯେ ଯେତେ ସଂଘ ସେଠାରେ ଆନ୍ଦୋଳନ କରନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଶିକ୍ଷକ ସଂଗଠନ। ରାଜ୍ୟରେ କେତେ ଜାତିର ଶିକ୍ଷକ ଅଛନ୍ତି ଏଇ ଗାନ୍ଧୀ ମାର୍ଗକୁ ଗଲେ ଜାଣି ହେବ। କିଏ ବିନା ଦରମାରେ ଶିକ୍ଷାଦାନ କରୁଛି, ଏଣୁ ଅନୁଦାନ ପାଇଁ ରାଜରାସ୍ତାରେ। କାହାର ଚାକିରି ସର୍ତ୍ତାବଳୀ ନାହିଁ, ତେଣୁ ସେ ଧାରଣାରେ ବସିଛି। କାହାର ଅବସର ପରେ ପେନ୍‌ସନ ନାହିଁ, ସେ ବିକ୍ଷୋଭ ପ୍ରଦର୍ଶନ କରୁଛି। କାହାକୁ ବରିଷ୍ଠତା ପ୍ରଦାନ କରାଯାଉ ନାହିଁ, କାହାର ପଦୋନ୍ନତି ନାହିଁ କାହାର ବାର୍ଷିକ ଦରମା ବୃଦ୍ଧି ହେଉନାହିଁ, କେଉଁଠି କ୍ୟାଡର ରୁଲ୍‌ରେ, ଗ୍ରେଡପେ କ୍ଷେତ୍ରରେ ଅସଙ୍ଗତି ରହିଛି। ତେଣୁ ସେମାନେ ଆନ୍ଦୋଳନକୁ ଶେଷ ଅସ୍ତ୍ର ଭାବରେ ବାଛି ନେଇଛନ୍ତି। ସମାନ କାମ କିନ୍ତୁ ଦରମାରେ ତାରତମ୍ୟ, ଶିକ୍ଷାଗତ ଯୋଗ୍ୟତା ସମାନ କିନ୍ତୁ ପାତର ଅନ୍ତର। ଏହି ସମସ୍ତ ସମସ୍ୟାକୁ ନେଇ ଶିକ୍ଷକମାନେ ବର୍ଷରେ ଏକାଧିକବାର ଶ୍ରେଣୀ କକ୍ଷ ଛାଡ଼ି ରାଜରାସ୍ତାକୁ ଆସି ଆନ୍ଦୋଳନ କରୁଥିବା ଦୃଷ୍ଟିଗୋଚର ହୁଏ।

ସମ୍ବେଦନଶୀଳ କଥା ହେଉଛି ଶିକ୍ଷକଙ୍କୁ ଶିକ୍ଷାଦାନରେ ନିୟୋଜିତ କରିବା ଅଥଚ ଦରମା ଦେବେ ନାହିଁ। ଖୁଲମଖୋଲା ମାନବାଧିକାରର ଉଲ୍ଲଂଘନ। ବିଦ୍ୟାଳୟ ଖୋଲିବାକୁ ପ୍ରୋତ୍ସାହନ ଦିଆଯାଉଛି ଏବଂ ତତ୍ପର ଅନୁମତି, ସମସ୍ତ ଗର୍ଭ ପୂରଣ କଲାପରେ ସ୍ୱୀକୃତି ଦିଆଯାଉଛି କିନ୍ତୁ ଅବଦାନ ଦେବା କ୍ଷେତ୍ରରେ ଯେଉଁ ନିୟମ ଅଛି ତାକୁ ପାଳନ କରାଯାଉ ନାହିଁ। ଆମ ରାଜ୍ୟରେ ଯେତେ ଉଚ୍ଚ ପ୍ରାଥମିକ (ପୂର୍ବର ନାମ ମଧ୍ୟ ଇଂଲିଶ) ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଅଛି ଏମାନଙ୍କ ମଧ୍ୟରୁ ନବେ ପ୍ରତିଶତ ଶିକ୍ଷାନୁଷ୍ଠାନ ଲୋକମାନଙ୍କ ଦ୍ୱାରା ପ୍ରତିଷ୍ଠିତ। ଏହା ପଛରେ ଖୋଦ୍ ସରକାରଙ୍କର ପ୍ରୋତ୍ସାହନ ଥିଲା। ସ୍ୱାଧୀନତା ପରେ ଓଡ଼ିଶା ସରକାର ଅନୁଭବ କରିଥିଲେ ଯେ ରାଜ୍ୟରେ ଯେଉଁ ସୀମିତ ସଂଖ୍ୟକ ଶିକ୍ଷାନୁଷ୍ଠାନ ଅଛି ସେମାନଙ୍କ ଦ୍ୱାରା ରାଜ୍ୟରେ ଶିକ୍ଷାର ପ୍ରସାର ସମ୍ଭବ ନୁହେଁ ଏବଂ ରାଜ୍ୟର ଆର୍ଥିକ ସ୍ଥିତି ଯାହା ସେଥିରେ ସରକାର ନିଜେ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ଖୋଲିବା ମଧ୍ୟ ଅବସ୍ଥାରେ ନାହିଁ। ଏଣୁ ସରକାର ଜନସାଧାରଣଙ୍କ ସାହାଯ୍ୟ ଲୋଡ଼ିଥିଲେ। ଅବଶ୍ୟ ପର୍ଯ୍ୟାୟକ୍ରମେ ସରକାର ଜନସାଧାରଣଙ୍କ ଦ୍ୱାରା ସ୍ଥାପିତ ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀଙ୍କୁ ଅନୁଦାନ ଦେଇଛନ୍ତି ଏବଂ ସେମାନଙ୍କୁ ସରକାରୀ କର୍ମଚାରୀ ଭାବେ ଗ୍ରହଣ କରି ସମସ୍ତ ସୁବିଧା ସୁଯୋଗ ଦେଇଛନ୍ତି। କିନ୍ତୁ ୧୯୯୪ଠାରୁ ଏଥିରେ ଅନିୟମିତତା ଦେଖିବାକୁ ମିଳୁଛି। କିଏ କେତେ ବର୍ଷ ପରେ ଅନୁଦାନ ପାଉଛି ତା'ର କିଛି ଠିକ୍ ଠିକଣା ନାହିଁ। ପନ୍ଦରରୁ କୋଡ଼ିଏ ବର୍ଷ ଆଦୌ ଦରମା ନ ପାଇ ଶିକ୍ଷାଦାନ କଲା ପରେ କାହାର ବା ମାନସିକ ସ୍ଥିତି ଭଲ ରହିବ? ସବୁ ହାରି ଗୁହାରି ବ୍ୟର୍ଥ ହେବା ପରେ ଆନ୍ଦୋଳନ ଛଡ଼ା ଶିକ୍ଷକମାନଙ୍କ ନିକଟରେ ଆଉ ବିକଳ୍ପ ବା କ'ଣ?

୨୦୧୫ ମସିହା ପରଠାରୁ ସରକାର ଅନୁଦାନ ଦେବା କ୍ଷେତ୍ରରେ ଗଣ୍ଠି ପକାଇ ରଖିଛନ୍ତି। ତେବେ ଯେଉଁ ବିଦ୍ୟାଳୟଗୁଡ଼ିକ ସରକାରୀ ନିୟମ ଆଧାରରେ ଯୋଗ୍ୟ ବିବେଚିତ ହେଲେ, ବିଭାଗ ସେମାନଙ୍କର କାଗଜ ପତ୍ରକୁ କାହିଁକି ବାରମ୍ବାର ଯାଞ୍ଚ କରୁଥିଲେ ଏବଂ ଅନୁଦାନ ଦେବାକୁ ଆଶ୍ୱାସନା ଦେଉଥିଲେ ? ମୂଳରୁ ବିଦ୍ୟାଳୟ ଅନୁମତି ଦେଇ ନ ଥିଲେ ସେମାନେ ଅନ୍ୟତ୍ର ନିଜର ଜୀବିକା ଖୋଜିଥାନ୍ତେ। ପ୍ରତ୍ୟକ୍ଷଦର୍ଶୀଙ୍କ ମତରେ ଆଜି ସମସ୍ତଙ୍କ ବୟସ ପ୍ରାୟ ପଚାଶ ଟପିଲାଣି। ଏବେ ସେମାନେ କରିବେ କ'ଣ? ଯଦି ସରକାର ଏହାର ପୂର୍ଣ୍ଣଚ୍ଛେଦ ଟାଣିବାକୁ ଚାହୁଁଛନ୍ତି ତେବେ ବିଦ୍ୟାଳୟ ଖୋଲିବାକୁ ଅନୁମତି ଦିଅନ୍ତୁ ନାହିଁ। ଯେଉଁଠି ଆବଶ୍ୟକ ସେଠାରେ ସରକାର ନିଜେ ବିଦ୍ୟାଳୟ ଖୋଲନ୍ତୁ।

ଶିକ୍ଷକମାନେ ନିଜର ଅଧିକାର ପାଇବା ପାଇଁ ଶ୍ରେଣୀ କକ୍ଷ ଛାଡ଼ି ବାରମ୍ବାର ଆନ୍ଦୋଳନ କରିବା ଆଦୌ ଶୁଭଙ୍କର ନୁହେଁ। ଅନ୍ୟପକ୍ଷରେ ମାନସିକ ଅସନ୍ତୁଳନ ଭିତରେ ଶିକ୍ଷକମାନଙ୍କୁ ରଖିଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରାଯାଇ ପାରିବ ନାହିଁ। ସେଇଥିପାଇଁ ସମସ୍ତ ବିକାଶଶୀଳ ରାଷ୍ଟ୍ରରେ ଶିକ୍ଷକଙ୍କୁ ସର୍ବାଧିକ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ଫଳରେ ସେହି ଦେଶମାନଙ୍କରେ ସବୁଠାରୁ ମେଧାବୀ ଛାତ୍ରୀଛାତ୍ରମାନଙ୍କର ପ୍ରଥମ ପସନ୍ଦ ହେଉଛି ଶିକ୍ଷକ ହେବା। ଅଥଚ ଆମ ଦେଶରେ ଓଲଟା। କାରଣ ସଭିଏଁ ଧରିନେଇଛନ୍ତି ଶିକ୍ଷକର ଦୁଇଟି ଠିକଣା, ଶ୍ରେଣୀ କକ୍ଷ ନ ହେଲେ ରାଜରାସ୍ତା।

**ସଭାପତି, ଓଷ୍ଟା**
**ମୋ:୯୯୩୮୭୬୩୨୩୭**

# ନିରପେକ୍ଷ ନିର୍ବାଚନର ବାସ୍ତବତା



ଯଦୁମଣି ପାଣିଗ୍ରାହୀ

ଭାରତ ଭଳି ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୀତି ଯେଭଳି କଳୁଷିତ ଅବସ୍ଥାକୁ ଗଲାଣି, ତାହା ପ୍ରାୟତଃ ସମସ୍ତଙ୍କୁ ଊଣାଅଧିକେ ଜଣା। ଏ ପରିସ୍ଥିତିରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନର ବାସ୍ତବତା ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ନୁହେଁ କି? ଏକ ଜନପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ଜନମତ ହେଉଛି ଶାସନର ମୂଳାଧାର। ଜନମତ ଆଧାରରେ ଜନପ୍ରତିନିଧିମାନେ ନିର୍ବାଚିତ ହୋଇ ଶାସନ କରିବାର ସାମର୍ଥ୍ୟ ହାସଲ କରିଥାଆନ୍ତି। ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ମତଦାନ ହେଉଛି ଏକ ରାଜନୈତିକ ଅଧିକାର। ତେଣୁ ଜଣେ ମତଦାତା ଏହି ଅଧିକାର ସାବ୍ୟସ୍ତ କଲାବେଳେ ସଂପୂର୍ଣ୍ଣ ଭାବେ ସ୍ୱଚ୍ଛ, ନିରପେକ୍ଷ ଓ ବିବେକାନୁମୋଦିତ ନୀତି ଅନୁସରଣ କରିବା ଉଚିତ୍। ନିର୍ବାଚନ ବେଳେ କୌଣସି ପ୍ରକାର ଚାପ ବା ପ୍ରଲୋଭନରେ ବଶବର୍ତ୍ତୀ ହୋଇ ସେ ଯେତେବେଳେ ନିଜ ମତଦାନ ସାବ୍ୟସ୍ତ କରିବ; ସେତେବେଳେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନର ବାସ୍ତବତାକୁ ନେଇ ମନରେ ପ୍ରଶ୍ନଟିଏ ଉଙ୍କିମାରିବା ସ୍ୱାଭାବିକ।

ସମ୍ପ୍ରତି ଆମ ଦେଶରେ ଯେଭଳି ବ୍ୟୟବହୁଳ ନିର୍ବାଚନ ଅନୁଷ୍ଠିତ ହେଉଛି ଓ ଜନମତକୁ ପ୍ରଭାବିତ କରାଯିବାର ଉଦ୍ୟମ କରାଯାଉଛି, ତାହା ଆମ ଗଣତନ୍ତ୍ରର ମର୍ଯ୍ୟାଦା ଓ ମୂଲ୍ୟବୋଧ ପ୍ରତି ଯେ ଚରମ କୁଠାରାଘାତ କରୁଛି ଏହା ନିଃସନ୍ଦେହ। ନିର୍ବାଚନରେ ଅର୍ଥବଳ ଓ ବାହୁବଳର ବ୍ୟାପକ ବ୍ୟବହାର ସହ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଅସାଧୁ ଓ ବେନିୟମ କାର୍ଯ୍ୟ ଯୋଗୁ ସମୁଦାୟ ନିର୍ବାଚନ ପ୍ରକ୍ରିୟା ପ୍ରଭାବିତ ହେଉଛି, ଏକ ସ୍ୱଚ୍ଛ ଓ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ପ୍ରତି ବିପଦ ସୃଷ୍ଟି କରୁଛି। ନିକଟରେ ଚଣ୍ଡିଗଡ଼ ମେୟର ନିର୍ବାଚନକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ନିର୍ବାଚନ ପରିଚାଳନା ଅଧିକାରୀଙ୍କ ଦାୟିତ୍ୱବଦ୍ଧତା, ସଚ୍ଚୋଟପଣିଆ ଏବଂ ନିରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ନିର୍ବାଚନରେ ଜଣେ ବିଜୟୀ ପ୍ରାର୍ଥୀଙ୍କୁ ଜାଣିଶୁଣି କିଭଳି ପରାଜିତ ଘୋଷଣା କରାଯାଇଥିଲା ତାହା ନଜରକୁ ଆସିଛି। ନିର୍ବାଚନ ଅଧିକାରୀଙ୍କ ଏଭଳି ପକ୍ଷପାତ ନିଷ୍ପତ୍ତିକୁ ନେଇ ପରାଜିତ ପ୍ରାର୍ଥୀ ଜଣଙ୍କ ପ୍ରଥମେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ତେବେ ସେଠାରୁ କୌଣସି ଆଶ୍ୱସ୍ତି ନ ମିଳିବାରୁ ସେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିର୍ବାଚନରେ ହୋଇଥିବା ମତଦାନ କାଗଜକୁ ପୁନଃ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଥିରୁ ଜଣାପଡ଼ିଲା ଯେ, ନିର୍ବାଚନ ଅଧିକାରୀ ଜଣଙ୍କ ପରାଜିତ ଘୋଷିତ ପ୍ରାର୍ଥୀଙ୍କର ୮ଟି ବୈଧ ଭୋଟ କାଗଜକୁ ନାକଚ କରିବା ସହିତ ତା' ଉପରେ ଛକିଚିହ୍ନ ମାରି ଦେଇଥିଲେ। ଅଧିକାରୀ ଜଣଙ୍କ ଜାଣିଶୁଣି ଏଭଳି କରିଥିବା ସର୍ବୋଚ୍ଚ ନ୍ୟାୟାଳୟ ନିଜ ରାୟରେ ଦର୍ଶାଇବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଭର୍ତ୍ସନା କରିଛନ୍ତି। ଅନ୍ୟପକ୍ଷେ ପରାଜିତ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଛନ୍ତି। ଅଧିକାରୀ ଜଣଙ୍କ ଅଦାଲତଙ୍କୁ ଏ ସଂପର୍କିତ ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କୁ



କାରଣ ଦର୍ଶାଅ ନୋଟିସ ବି ଜାରି କରାଯାଇଛି। ନିର୍ବାଚନ ପରିଚାଳନା ବ୍ୟବସ୍ଥାରେ ଏଭଳି ବେଆଇନ ଓ ଅନିୟମିତତାକୁ ସୁଯୋଗ ଦିଆଗଲେ ତାହା ଆମ ରାଷ୍ଟ୍ରର ସମୁଦାୟ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଓ ମୂଲ୍ୟବୋଧ ସମ୍ପନ୍ନ ନୀତି ସମୂହ ପାଇଁ ବିଧ୍ୱଂସୀ ସାବ୍ୟସ୍ତ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ ପ୍ରକାଶ କରିଛନ୍ତି। ଚଣ୍ଡିଗଡର ଏହି ଘଟଣାରୁ ନିର୍ବାଚନ ପରିଚାଳନା କ୍ଷେତ୍ରରେ ନିୟୋଜିତ କିଛି ଅଧିକାରୀଙ୍କ ନୈତିକତା ଓ ନିରପେକ୍ଷ ଦାୟିତ୍ୱ ସମ୍ପନ୍ନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହା ବ୍ୟତୀତ ବର୍ତ୍ତମାନ ସମୟରେ ନିର୍ବାଚନରେ ଅର୍ଥବଳ ଓ ବାହୁବଳର ପ୍ରାଧାନ୍ୟ ଧୀରେ ଧୀରେ ବ୍ୟାପକ ହେବାରେ ଲାଗିଛି। ନିର୍ବାଚନରେ ଯେଉଁ ପ୍ରାର୍ଥୀ ଯେତେ ଅର୍ଥ ଖର୍ଚ୍ଚ କରିପାରିବ ଜନମତକୁ ସେ ସେତେ ମାତ୍ରାରେ ପ୍ରଭାବିତ କରିପାରିବ। ଏହି ଅର୍ଥ କେବେ ସିଧାସଳଖ ଭୋଟରଙ୍କ ପାଖକୁ ଯାଉଛି ତ କେବେ ବିଭିନ୍ନ ମାଗଣା ଯୋଜନା ଓ ଉପହାର ମାଧ୍ୟମରେ ଯାଉଛି। ସମ୍ପ୍ରତି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସାଧାରଣ ସରପଞ୍ଚ ପ୍ରାର୍ଥୀଟିଏ ଯଦି ଅଧକୋଟିଏ ଟଙ୍କା ଖର୍ଚ୍ଚ କରିପାରୁଛି, ତେବେ ବିଧାୟକ ଓ ସାଂସଦ ପ୍ରାର୍ଥୀଟିଏ କେତେ ଟଙ୍କା ଖର୍ଚ୍ଚ କରୁଥିବେ ତାହା ସମସ୍ତେ ଅନୁମାନ କରି ପାରୁଥିବେ। ସେହିପରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରଭାବଶାଳୀ ଓ ବାହୁବଳୀ ନେତାଏ ନିର୍ବାଚନରେ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରିବା ସହ ହିଂସାତ୍ମକ ପନ୍ଥା ଅବଲମ୍ବନ କରୁଛନ୍ତି। ଭୋଟରଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦିଆଯାଇ ଭୟଭୀତ କରାଯିବା,ସରକାରୀ ଯୋଜନାରୁ ନାଁ କାଟିଦେବାର ଭୟ ଦେଖାଯିବା ଏବଂ ବୁଥ୍ ଜବରଦଖଲ ଭଳି ବେଆଇନ କାର୍ଯ୍ୟ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଶାସନରେ ଥିବା ଦଳ ନିର୍ବାଚନରେ ଜନମତକୁ ପ୍ରଭାବିତ କରିବାକୁ ପ୍ରଶାସନିକ କଳକୁ ନିୟୋଜିତ କରିବା ଘଟଣା। ଏ ପରିସ୍ଥିତିରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନର ଆଶା କରିବା ବୃଥା ନୁହେଁ କି? ଆଉ ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସାଧାରଣ ନିର୍ବାଚନ ସହ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଇତି ମଧ୍ୟରେ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ରାଜ୍ୟ ଗସ୍ତ କରି ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ତଦାରଖ, ସମୀକ୍ଷା ଓ ଆଲୋଚନା କରିବା ସହିତ ସମୁଦାୟ ପ୍ରକ୍ରିୟା ନିରପେକ୍ଷ ଏବଂ ଦାୟିତ୍ୱ ସମ୍ପନ୍ନ ଭାବରେ ପରିଚାଳନା ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ଆଗାମୀ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ କରିବାକୁ ଆୟୋଗ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ବୁଥ୍‌ଗୁଡିକ ସମେତ ୭୦% ଭାଗ ବୁଥ୍‌ରେ ଡ୍ରୋନ କ୍ୟାମେରା ଏବଂ ସିସିଟିଭି କ୍ୟାମେରା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାକୁ ଆମୂଳଚୂଳ ତଦାରଖ କରିବାର ବ୍ୟବସ୍ଥା କରାଯାଉଛି। ତେବେ ଏସବୁ ସତ୍ତ୍ୱେ ନିର୍ବାଚନର ସୁପରିଚଳନା ନିମନ୍ତେ ଆହୁରି ଅନେକ ସଂସ୍କାରମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏଥିପାଇଁ ନିର୍ବାଚନ ଆଇନର ପରିବର୍ତ୍ତନ କରାଯିବା ଜରୁରୀ। କୌଣସି ପରିସ୍ଥିତିରେ ଯେପରି ଜନମତ ପ୍ରଭାବିତ ନ ହୁଏ, ସେ ଦିଗରେ ମଧ୍ୟ ବ୍ୟାପକ ସଚେତନତା ସୃଷ୍ଟି ବର୍ତ୍ତମାନର ସମୟ ପାଇଁ ଏକ ଆହ୍ୱାନ।

**ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

ଅସହାୟ ପିଲାମାନଙ୍କ ଜୀବନରେ ପରିବର୍ତ୍ତନ ଆଣୁଛନ୍ତି ୬୮ ବର୍ଷୀୟା ସୀମା ସେଠ୍। ସେ 'ନୟି ଦିଶା' ନାମକ ଏନ୍‌ଜିଓ ମାଧ୍ୟମରେ ଏହା କରୁଛନ୍ତି। ଗୁର୍‌ଗାଁଓର ହରିଜନ କଲୋନୀରେ ନୟି ଦିଶା ୨୦୧୪ରେ ସ୍ଥାପିତ ହୋଇଥିଲା। ଏହା ମୁଖ୍ୟତଃ ବିଭିନ୍ନ ବସ୍ତିର ରହି ଘରକାମ କରୁଥିବା, ଗାଡ଼ିଚାଳକ କିମ୍ବା ଛୋଟ ବ୍ୟବସାୟ କରି ପରିବାର ଚଳାଉଥିବା ବ୍ୟକ୍ତିଙ୍କ ପିଲାଙ୍କୁ ଶିକ୍ଷିତ କରୁଛି। ନୟି ଦିଶା ଦ୍ୱାରା ପରିଚାଳିତ ସ୍କୁଲରେ ପଢୁଥିବା ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇ ଗୁର୍‌ଗାଁଓର ବିଭିନ୍ନ ପବ୍ଲିକ୍ ସ୍କୁଲ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତ କରାଯାଉଛି। ସୀମା ଏବେସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଅସହାୟ ପିଲାଙ୍କୁ ବିଭିନ୍ନ ପବ୍ଲିକ ସ୍କୁଲରେ ନାମ ଲେଖାଇସାରିଲେଣି। ନୟି ଦିଶାର ସ୍କୁଲରେ ୧୨ ଜଣ ଶିକ୍ଷକ ଏନ୍‌ସିଆର୍‌ଟି ପାଠ୍ୟକ୍ରମ ଅନୁଯାୟୀ ପିଲାଙ୍କୁ ୫ମ ଯାଏ ପଢ଼ାଉଛନ୍ତି। ପ୍ରଥମେ ହାତଗଣତି କେତେଜଣ ପିଲାଙ୍କୁ ଗୋଟିଏ ରୁମ୍‌ରେ ପଢ଼ାଇବା ଆରମ୍ଭ ହୋଇଥିଲା ଓ ଏବେ ୮ଟି ରୁମ୍‌ରେ ୧୦୦ରୁ ଅଧିକ ପିଲା ପଢ଼ିପାରୁଛନ୍ତି। ସେମାନେ ଗଣିତ, ଇଂଲିଶ, ହିନ୍ଦୀ, ପରିବେଶ ବିଜ୍ଞାନ, କଳା, କମ୍ପ୍ୟୁଟର ଓ ନାଟକ ଉପରେ ପଢୁଛନ୍ତି। ଏବେ ସୀମା ଇନ୍ଦିରା କଲୋନୀରେ ଆଉ ଏକ ସ୍କୁଲ ଆରମ୍ଭ କରିଛନ୍ତି, ଯେଉଁଠି ୬୫ ପିଲା ପଢୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୭୫

- ନିରାପତ୍ତାରକ୍ଷୀ ପୋଲିସ ଓ ଆତତାୟୀ ଦଳ ମଧ୍ୟରେ ସଂଘର୍ଷ ଘଟି ମିଜୋ ଜାତୀୟ ସାମ୍ମୁଖ୍ୟର କ୍ୟାପଟେନ ଲାଲଲିଆ ନିହତ।
- ଚଳନ୍ତା ଟ୍ରେନରେ ଘନ ଘନ ଡକାୟତି ହେଉଥିବା ଦୃଷ୍ଟିରୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଅପ୍ ଓ ଡାଉନ ଟ୍ରେନରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ ମୁତୟନ।
- ବାଙ୍କୀ ତାଳବସ୍ତ କୋଇଲା ଖଣି ନିକଟରେ ସୀସା ଖଣି ଥିବାର ସନ୍ଧାନ ମିଳିଛି।

## ଚିରନ୍ତନୀ

ହଜିଗଲା କଥା ଗୋଟି ଗୋଟି ଯେତେ ପଡ଼ଇ ମନେ
ବିମୁଖ ପ୍ରଣୟୀ ପରାଏ ଯାହାକୁ ଛାଡିଲି ମୁହିଁ।
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ ଶିମୁଳିପାଳ!
–(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | 2 | | | | | | |
| | | 6 | | | | | 5 | 3 |
| 5 | | | | | 6 | 7 | | |
| | 7 | 8 | 6 | | 2 | | | |
| 2 | | | 7 | | 5 | | | 9 |
| | | | | | | | 8 | |
| | 2 | | | | 9 | | 6 | |
| | | | | | | 1 | | |
| | 3 | 4 | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 5 | 1 | 6 | 9 | 8 | 3 | 4 |
| 8 | 4 | 1 | 5 | 3 | 2 | 9 | 6 | 7 |
| 9 | 6 | 3 | 4 | 8 | 7 | 2 | 5 | 1 |
| 5 | 2 | 8 | 6 | 7 | 3 | 4 | 1 | 9 |
| 1 | 9 | 6 | 8 | 5 | 4 | 7 | 2 | 3 |
| 4 | 3 | 7 | 2 | 9 | 1 | 5 | 8 | 6 |
| 7 | 1 | 9 | 3 | 2 | 8 | 6 | 4 | 5 |
| 6 | 8 | 4 | 7 | 1 | 5 | 3 | 9 | 2 |
| 3 | 5 | 2 | 9 | 4 | 6 | 1 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ଦର ଅହେତୁକ ବୃଦ୍ଧି

ମହାଶୟ,

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅନନ୍ୟ। ତତ୍ତ୍ୱଦର୍ଶନରେ ଉଭୟ ଦାରୁବ୍ରହ୍ମ ଓ ଅନ୍ନବ୍ରହ୍ମ ଏକ ଓ ଅଭିନ୍ନ। ଶ୍ରୀମହାପ୍ରସାଦ ହିଁ ଅନ୍ନବ୍ରହ୍ମ। ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ପରଂ ବ୍ରହ୍ମଙ୍କର ଭୋଜନଧାମ ଭାବେ ସୁବିଦିତ। ଶ୍ରୀମହାପ୍ରସାଦ ସୁଆର, ମହାସୁଆର ଓ ସୂପକାରଙ୍କ ମାଧ୍ୟମରେ କେବଳ ପ୍ରସ୍ତୁତ ହୁଏ କିନ୍ତୁ ସ୍ୱୟଂ ମହାଲକ୍ଷ୍ମୀଙ୍କ ଶ୍ରୀହସ୍ତରେ ପାକ ହୋଇଥାଏ। ଗତ କିଛିଦିନ ଧରି ମହାପ୍ରସାଦ ଦର ପ୍ରାୟ ୩ଗୁଣ ବୃଦ୍ଧି ପାଇଛି। ପରିଚାଳନା କମିଟି ବୈଠକରେ ବାରମ୍ବାର ନିଷ୍ପତ୍ତି ସତ୍ତ୍ୱେ ଦର ତାଲିକା ସ୍ପଷ୍ଟ ହୋଇପାରୁନାହିଁ। ମହାପ୍ରସାଦ ବିକ୍ରି ଦର ନିୟନ୍ତ୍ରଣ କରିବାରେ ଅମନଯୋଗୀ ରହିଆସିଛନ୍ତି ଶ୍ରୀମନ୍ଦିର ପ୍ରଶାସନ। ପ୍ରଶାସନିକ କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଆନନ୍ଦବଜାରର ମହାପ୍ରସାଦ କିଣିଆଣି ଦୁଇଗୁଣା ଦରରେ ବାହାରେ ଭକ୍ତଗଣଙ୍କୁ ବିକ୍ରି କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଲାଭଖୋର୍ ମନୋବୃତ୍ତି ମହାପ୍ରସାଦ ନାମରେ ନକଲି ଅନ୍ନବ୍ୟଞ୍ଜନ ପ୍ରସ୍ତୁତ ଓ ତାହାର ବେପାରକୁ ସମ୍ଭବତଃ ପ୍ରୋତ୍ସାହିତ କରିଛି। ଗତ କିଛିମାସ ତଳେ ନକଲି ନୀଳାଚଳ ଅବଢ଼ାକୁ ନେଇ ଦେଖାଦେଇଥିଲା ବିବାଦ। ବର୍ତ୍ତମାନ ବି ସେ ବିବାଦର ଅନ୍ତ ଘଟିନି। ମାତ୍ରାଧିକ ଦର ବୃଦ୍ଧି ଯୋଗୁ ଗରିବ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନର ରହସ୍ୟଜନକ ନୀରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ମହାପ୍ରସାଦ ଦର ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ଭକ୍ତମାନେ ଦାବି କରୁଛନ୍ତି

**– ଦେବେନ୍ଦ୍ର ମିଶ୍ର, ସତ୍ୟବାଦୀ,ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଲୋକ ସଭା ନିର୍ବାଚନରେ ୩୩% ଆସନରେ ମହିଳା ପ୍ରାର୍ଥୀ ଦେବ ବିଜେଡି



ଶଙ୍ଖ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଜେଡି ମହିଳା ମୋର୍ଚ୍ଚାର ସଦସ୍ୟଙ୍କୁ ସମ୍ବୋଧିତ କରୁଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

### ଶଙ୍ଖ ଭବନରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

## ନାରୀ ସଶକ୍ତୀକରଣରେ ମୁଖ୍ୟମନ୍ତ୍ରୀ ସାରା ଦେଶ ପାଇଁ ଉଦାହରଣ:ପାଣ୍ଡିଆନ

**ଭୁବନେଶ୍ୱର,୮।୩(ଅନିଲ ଦାସ)**

ନାରୀ ହିଁ ସକଳ ଶକ୍ତିର ଆଧାର। ମା' ମାନଙ୍କୁ ବାଦ୍ ଦେଇ କୌଣସି ରାଜ୍ୟ, କୌଣସି ରାଷ୍ଟ୍ର ବିକାଶ କରିପାରିବ ନାହିଁ। ଏହି କଥାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭରୁ ହୃଦ୍‌ବୋଧ କରିଛନ୍ତି। ସେଥିପାଇଁ ପରିଣାମ କଥା ଚିନ୍ତା ନ କରି ଗୋଟିଏ ପରେ ଗୋଟିଏ ସୁଚିନ୍ତିତ ପଦକ୍ଷେପ ନେଇଛନ୍ତି। ପରିଣତି ସ୍ୱରୂପ ଆଜି ଓଡ଼ିଶାର ମହିଳାମାନେ ସଶକ୍ତ ହୋଇଛନ୍ତି ଓ ସାରା ଦେଶ ପାଇଁ ମୁଖ୍ୟମନ୍ତ୍ରୀ ଉଦାହରଣ ସୃଷ୍ଟି କରିଛନ୍ତି। ଓଡ଼ିଶାର ମହିଳା ସଶକ୍ତୀକରଣ ନୀତିକୁ ଭାରତ ସରକାର କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶାର ୭୦ ଲକ୍ଷରୁ ଅଧିକ ସାଧାରଣ ମହିଳାମାନଙ୍କୁ ଉଦ୍ୟୋଗୀର ପରିଚୟ ଦେବା କିଛି କମ୍ ଆହ୍ୱାନପୂର୍ଣ୍ଣ ନ ଥିଲା। କିନ୍ତୁ ନାରୀମାନଙ୍କୁ ସେମାନଙ୍କ ଅଧିକାର ଦେବା ପାଇଁ ପଣ କରିଥିବା ମୁଖ୍ୟମନ୍ତ୍ରୀଙ୍କ ପାଦକୁ କୌଣସି ଆହ୍ୱାନ ରୋକିପାରି ନ ଥିଲା। ଗତ ଲୋକ ସଭା ନିର୍ବାଚନରେ ବିଜେଡି ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ଆଗାମୀ ଲୋକ ସଭା ନିର୍ବାଚନରେ ମଧ୍ୟ ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ଶୁକ୍ରବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନିଜ ସରକାର ଏବଂ ଦଳରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯାନ ବିଜୁ ଜନତା ଦଳକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିଛି। ଏହି ଆନ୍ଦୋଳନର ପ୍ରଭାବ ଆଜି ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଉପଲବ୍ଧିକୁ ଦେଖିଲେ ସ୍ପଷ୍ଟ ହୋଇଯିବ। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଦାବି କରିଥିଲେ। ଓଡ଼ିଶାର ମା' ମାନେ କିପରି ଆଗକୁ ଯିବେ ସେଥିପାଇଁ ସେ ଚିନ୍ତିତ ଥିଲେ। ଅନେକ ଲୋକଙ୍କ ବିରୋଧ ପାଇଁ ଏହି ବିଲ୍ ପାରିତ ହେବାରେ ବିଳମ୍ବ ହେଲା। ବିଜେଡିରେ ଅଧିକରୁ ଅଧିକ ମହିଳାଙ୍କୁ ଟିକଟ ଦେଇ ଜିତାଇବାକୁ ନିର୍ଦ୍ଦେଶ ଦେଲେ। ତାଙ୍କର ଏହି ଉଦ୍ୟମ ହିଁ ବିଜୁ ଜନତା ଦଳକୁ ଏକ ସାମାଜିକ ଆନ୍ଦୋଳନରେ ପରିବର୍ତ୍ତିତ କରିଛି ବୋଲି ପାଣ୍ଡିଆନ୍ କହିଛନ୍ତ।

# ଆଜି ବିଭିନ୍ନ ବିଭାଗରେ ନିଯୁକ୍ତ ହେବେ ୧୨୯୪ ଅଧିକାରୀ

**ଭୁବନେଶ୍ୱର,୮।୩(ଅନିଲଦାସ)**

ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଗୃହ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲାକସେବା ଭବନ ସମ୍ମିଳନୀ କକ୍ଷ ଏବଂ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନିଯୁକ୍ତି ପର୍ବରେ ସେହି କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀଙ୍କୁ ଦିଗ୍‌ଦର୍ଶନ ଦେବେ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୭୨୫ କନିଷ୍ଠ ସହାୟକ, ଅର୍ଥ ବିଭାଗରେ ୧୭୭ ସ୍ଥାନୀୟ ପାଣ୍ଠି ସମୀକ୍ଷକ, ୯୬ ସହକାରୀ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଅଧିକାରୀ, ୭ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ନିଯୁକ୍ତି ପାଇବାକୁ ଯାଉଛନ୍ତି। ଅର୍ଥ ବିଭାଗରେ ମୋଟ୍ ୨୮୦ ଜଣ ନୂତନ ଭାବେ ନିଯୁକ୍ତି ପାଇବେ।

### ନବନିଯୁକ୍ତ କର୍ମଚାରୀଙ୍କୁ ଦିଗ୍‌ଦର୍ଶନ ଦେବେ ମୁଖ୍ୟମନ୍ତ୍ରୀ

ଗ୍ରାମ୍ୟ ଉନ୍ନୟନ ବିଭାଗରେ ୧୧୬ କନିଷ୍ଠ ସହାୟକ, ୫ କନିଷ୍ଠ କିରାଣି ଏବଂ ୮ କନିଷ୍ଠ ଷ୍ଟେନୋଗ୍ରାଫର ନିଯୁକ୍ତି ପାଇବେ। କ୍ରୀଡ଼ା ବିଭାଗରେ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୬୦ ଜଣ କୃତୀ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ଦିଆଯିବ। ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଗୃହ ବିଭାଗର ବିଭିନ୍ନ ପଦବୀରେ ସେମାନେ ନିଯୁକ୍ତି ପାଇବେ।

ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ଶାସନ ସଚିବ ଅଶ୍ୱତୀ ଏସ୍ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି।





### ଖର୍ଚ୍ଚ ହୋଇଛି ୧୬୭୭.୪୨ କୋଟି ଟଙ୍କା

- ବରଗଡ ଓ ସୁବର୍ଣ୍ଣପୁର ଜିଲାର ୪ ବ୍ଲକର ୧୨୯ ଗ୍ରାମରେ ହେବ ଜଳସେଚନ
- ୨୫,୬୦୦ ହେକ୍ଟରକୁ ଜଳସେଚନ ସୁବିଧା
- ଉପକୃତ ହେବେ ୩୫,୬୦୦ରୁ ଊର୍ଦ୍ଧ୍ୱ ଚାଷୀ
- ଉଭୟ ଖରିଫ ଓ ରବି ଚାଷ ପାଇଁ ନିଶ୍ଚିତ ଜଳଯୋଗାଣ
- ୩ ବର୍ଷରେ ବିଛାଯାଇଛି ୩,୧୦୦ କି.ମି ପାଇପ୍ ଲାଇନ୍

# ୪୫ ମିଟର ଉଚ୍ଚକୁ ଉଠିବ ପାଣି

## ଅତ୍ୟାଧୁନିକ ଜ୍ଞାନକୌଶଳରେ ଜଳ ପରିଚାଳନା




ବରଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ଜଳସେଚନ ସମସ୍ୟା ଦୂର କରିବା ପାଇଁ ଲୋକଙ୍କର ହୋଇଆସୁଥିବା ଦାବି ପୂରଣ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରଥମ ବୃହତ୍ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି । ଏହି ପ୍ରକଳ୍ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି । ଏହାଦ୍ୱାରା ୩୫,୬୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହୋଇପାରିବେ ।



➔ବରଗଡ଼ ଜିଲାର ମରୁଡ଼ି ପ୍ରବଣ ଅଞ୍ଚଳ ଏବଂ ବିଶେଷ କରି ବିଜେପୁର ଅଞ୍ଚଳକୁ ଜଳସେଚନ ଯୋଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ କ୍ୟାବିନେଟ୍‌ରେ ଏକ ଉଠା ଜଳସେଚନ ପ୍ରକଳ୍ପକୁ ଅନୁମୋଦନ କରାଯାଇ ପରବର୍ତ୍ତୀ ସମୟରେ ଏହାକୁ ଗଙ୍ଗାଧର ମେହେର ଉଠାଜଳ ସେଚନ ପ୍ରକଳ୍ପ, ବିଜେପୁର ନାମରେ ନାମିତ କରାଯାଇଛି ।

➔ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲାରେ ୧,୬୭୮ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ହେଉଛି ପ୍ରଥମ ଭୂତଳ ଚାପଯୁକ୍ତ ପାଇପ୍ ଲାଇନ୍ ବ୍ୟବସ୍ଥା । ଏହା ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରରେ ନିର୍ମିତ ହୋଇଛି । ୨୦୨୪ ଫେବୃଆରୀ ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି ।

➔ଏହି ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲାର ବିଜେପୁର, ସୋହେଲା ଓ ବରପାଲି ବ୍ଲକ ଏବଂ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ମରୁଡ଼ିପ୍ରବଣ ଅଞ୍ଚଳର ୧୨୯ଟି ଗ୍ରାମରେ ୬୩ ହଜାର ଏକର (୨୫,୬୦୦ ହେକ୍ଟର) ଜମିକୁ ଉଭୟ ଖରିଫ ଓ ରବିରେ ନିଶ୍ଚିତ ଜଳସେଚନ ସୁବିଧା ମିଳିବ । ଏହି ପ୍ରକଳ୍ପରେ ୩୫,୬୦୦ରୁ ଅଧିକ ଚାଷୀ ଉପକୃତ ହେବେ ।

➔ଜଳଭଣ୍ଡାରଭିତ୍ତିକ ପ୍ରକଳ୍ପ ହୋଇଥିବାରୁ ଚାଷୀଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ରହିବ ନାହିଁ ।

➔ଏହି ପ୍ରକଳ୍ପରେ ଜଳସେଚନ ପାଇଁ ଜଳ ପରିଚାଳନା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଯାହା ସ୍କାଡା (ସୁପରଭାଇଜରି କଣ୍ଟ୍ରୋଲ ଏବଂ ଡାଟା ଅଧିଗ୍ରହଣ ପ୍ରଣାଳୀ) ମାଧ୍ୟମରେ ଦୂରରୁ ନିୟନ୍ତ୍ରଣ କରାଯିବ ।

➔ଏହା ରାଜ୍ୟର ପ୍ରଥମ ବୃହତ୍ ଜଳସେଚନ ପ୍ରକଳ୍ପ, ଯାହା ୩ ବର୍ଷର ରେକର୍ଡ ସମୟ ମଧ୍ୟରେ ଶେଷ ହୋଇଛି । ଏହି ପ୍ରକଳ୍ପରେ ପାଖାପାଖି ୩,୧୦୦ କିଲୋମିଟର ପାଇପ୍ ଲାଇନ୍ ବିଛାଯାଇଛି । ଏହି ପ୍ରକଳ୍ପର ମୁଖ୍ୟ ପାଇପ୍ ଲାଇନ୍ ୩ଟି ପ୍ରମୁଖ ନଦୀ ଅତିକ୍ରମ କରିଛି, ଯାହା ଜଳସମ୍ପଦ ବିଭାଗ ପାଇଁ ଏକ ବଡ଼ ଆହ୍ୱାନ ଥିଲା ।

➔ଏହି ପ୍ରକଳ୍ପ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ପରିବହନ ପାଇଁ ୧୧ ଫୁଟ ବ୍ୟାସର ପାଇପ୍ ବ୍ୟବହାର କରାଯାଇଛି, ଯାହାକି ଦେଶରେ ସର୍ବାଧିକ ଉଚ୍ଚତାରେ ରହିଥିବା ପ୍ରକଳ୍ପ ମଧ୍ୟରୁ ଅନ୍ୟତମ । ଜଳସେଚନ ପାଇଁ ପାଖାପାଖି ୪୫ ମିଟର ଉଚ୍ଚକୁ ପାଣି ଉଠାଯିବ ।

➔ଏହି ପ୍ରକଳ୍ପ ଅତ୍ୟନ୍ତ ଜଳ ଦକ୍ଷ ଏବଂ ସମଗ୍ର ପ୍ରକଳ୍ପ ଅଣୁ ଜଳସେଚନ ସକ୍ଷମ ହୋଇଥିବାରୁ ଚାଷୀମାନେ ଉଭୟ ଖରିଫ ଓ ରବି ଋତୁରେ ଅର୍ଥକରୀ ଫସଲ ଏବଂ ଉଦ୍ୟାନ କୃଷି ଫସଲ ପରିପାରିବେ । ଏହା ବ୍ୟତୀତ, ପ୍ରକଳ୍ପ କମାଣ୍ଡ ଅଞ୍ଚଳର ୩୦ ପ୍ରତିଶତ (ପ୍ରାୟ ୧୯ ହଜାର ଏକର) କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାରେ ସଜ୍ଜିତ ହୋଇଛି ।

➔ପ୍ରତି ୧ ହେକ୍ଟର ଚକରେ ବହିଃ ନିର୍ଗମନ ପଥ (ଆଉଟଲେଟ୍) ଯୋଗାଇ ଦିଆଯାଇଥିବାରୁ ପ୍ରତ୍ୟେକ କ୍ଷେତକୁ ସମାନ ଭାବରେ ପାଣି ମିଳିବ ।

"ବରଗଡ଼ ଜିଲା ପାଇଁ ଆମ ରାଜ୍ୟ ଗର୍ବିତ । ଆଜି ଓଡ଼ିଶା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାରା ଦେଶକୁ ଖାଦ୍ୟ ଯୋଗାଉଛି । ଏଥିରେ ବରଗଡ଼ ଜିଲାର ଚାଷୀମାନଙ୍କ ବହୁତ ବଡ଼ ଅବଦାନ ରହିଛି । ଗଙ୍ଗାଧର ମେହେର ଜଳସେଚନ ଜରିଆରେ ଜିଲାର ଚାଷ ଜମିକୁ ପାଣି ଯୋଗାଣ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲାର ୩ଟି ବ୍ଲକ ସମେତ ସୁବର୍ଣ୍ଣପୁର ଜିଲାର ଗୋଟିଏ ବ୍ଲକକୁ ୬୦ହଜାର ଏକରରୁ ଅଧିକ ଜମିକୁ ପାଣି ଯିବ । ବରଗଡ଼ ଜିଲାର ସୋହେଲା, ବରପାଲି, ବିଜେପୁର, ସୋନପୁର ଜିଲାର ଡୁଙ୍ଗୁରିପାଲିର ଚାଷୀମାନେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ । ରାଜ୍ୟରେ ୫-ଟି ଉପକ୍ରମରେ ବଡ଼ ବଡ଼ ଜଳସେଚନ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେଉଛି । ସମସ୍ତଙ୍କ ସହଯୋଗରେ ଓଡ଼ିଶାରେ ଆଜି ରୂପାନ୍ତର ଆସିଛି ଏବଂ ଏହି ଧାରା ଆଗକୁ ମଧ୍ୟ ବଢ଼ିବ ।



– ନବୀନ ପଟ୍ଟନାୟକ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପ୍ରକଳ୍ପର ପ୍ରମୁଖ ବୈଶିଷ୍ଟ୍ୟ

➲ଏହା ଏକ ଚାପଯୁକ୍ତ ଭୂତଳ ପାଇପପାଇନ୍ ପ୍ରକଳ୍ପ, ଯେଉଁଥିରେ ହୀରାକୁଦ ଜଳଭଣ୍ଡାରରୁ ବରଗଡ଼ ମୁଖ୍ୟ କେନାଲର ଆର୍‌ଡି ୦.୦୦କିଲୋମିଟରସ୍ଥିତ ରେଙ୍ଗାଲି, ଡୁରୁଙ୍ଗା ଓ କନାପାଲିଠାରେ ୩ଟି ପମ୍ପ ହାଉସ ଦ୍ୱାରା ପମ୍ପିଂ ଯୋଗେ ପାଣି ଉଠାଯାଇ ଏହାପରେ ଆୟକଟ ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା କରାଯାଇଛି ।

➲ବରଗଡ଼ ମୁଖ୍ୟ କେନାଲର ଆର୍‌ଡି ୦.୦୦କି.ମି. ଠାରେ ୧୭୯.୮୩୦ ମିଟର ପୂର୍ଣ୍ଣ ଜଳଯୋଗାଣସ୍ତର(ଏଫ୍‌ଏସ୍‌ଏଲ୍) ଠାରୁ ପାଣି ଉଠାଯାଇ ସର୍ବୋଚ୍ଚ ଉଚ୍ଚତାରେ ରହିଥିବା ୨୨୪.୦୦ ମିଟର ଆୟାକଟ ଅଞ୍ଚଳକୁ ଜଳଯୋଗାଣ ବ୍ୟବସ୍ଥା ହୋଇଛି । ଏହାଦ୍ୱାରା ପାଖାପାଖି ୪୫ମିଟର ଉଚ୍ଚତା ପର୍ଯ୍ୟନ୍ତ ପାଣି ଉଠାଯିବାର ବ୍ୟବସ୍ଥା କରାଯାଇଛି ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ ସମୟରେ ପ୍ରକଳ୍ପ କାର୍ଯ୍ୟକ୍ରମର ନକ୍ସା ଅନୁଧ୍ୟାନ କରୁଛନ୍ତି । ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ



କୋଭିଡ୍ ମହାମାରୀ ସମୟରେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ତଦାରଖ ।






୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।




# ବଡ଼ଭାଇ ଆଗରେ ସାନକୁ ଝାମ୍ପିନେଲା କୁମ୍ଭୀର

## ପରିବା ଫସଲ ପାଇଁ ନାଳରୁ ଆଣୁଥିଲେ ପାଣି

ରାଜନଗର,୮।୩(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗରରେ କୁମ୍ଭୀର ଆକ୍ରମଣ ଆତଙ୍କ ସୃଷ୍ଟି କରିଛି। ଶୁକ୍ରବାର ଖରାଦିନିଆ ପରିବା ଫସଲରେ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଏକ ନାଳରୁ ପାଣି ଆଣି ୨ ଭାଇ ଦେଉଥିଲେ। ସାନ ଭାଇ ନାଳରୁ ପାଣି ଆଣିବାକୁ ଗରା ବୁଡ଼ାଇବା କ୍ଷଣି କୁମ୍ଭୀର ହଠାତ୍ ଝାମ୍ପମାରି ଟାଣି ନେଇଥିଲା। ସାନଭାଇ କୁମ୍ଭୀର ନେଇଗଲା ବୋଲି ଚିତ୍କାର କରିବାରୁ ବଡ଼ଭାଇ ନାଳ ନିକଟକୁ ଯାଇଥିଲେ। ଏଥି ମଧ୍ୟରେ କୁମ୍ଭୀର ନାଳ ମଝିକୁ ତାଙ୍କୁ ଟାଣିନେଇ ସାରିଥିଲା। ବହୁ ଖୋଜାଖୋଜି ପରେ ମୃତଦେହ ଅପରାହ୍ନ ୨ଟାରେ ମିଳିଛି। ଏ ନେଇ ରାଜନଗର ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଥାନାରେ ଅପମୃତ୍ୟୁ ମାମଲା (ନଂ. ୪/୨୪) ରୁଜୁ ହୋଇଛି।

ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡ଼ା ଗାଁର ନିମାଇଁ ମଳିକ (୪୦) ଓ ତାଙ୍କ ବଡ଼ଭାଇ ନିର୍ମଳ ମଳିକ (୪୫) ଘରଠାରୁ ୨୦୦ ମିଟର ଦୂରରେ ଖରାଦିନିଆ ବିଭିନ୍ନ ପ୍ରକାର ପରିବା ବ୍ରାହ୍ମଣୀ ନଦୀ ଓ ନଦୀରୁ ବାହାରିଥିବା ନାଳ ମଝିରେ ଥିବା ଜମିରେ କରିଛନ୍ତି। ଗୋଟିଏ ପଟ ପରିବାରେ ବଡ଼ ଭାଇ ନିର୍ମଳ ପାଣି ଦେଉଥିବା ବେଳେ ଅନ୍ୟପଟରେ ସାନଭାଇ ନିମାଇଁ ପାଣି ଦେଉଥିଲେ। ନିମାଇଁ ଗୋଟିଏ ଗରା ପାଣି ଆଣି ବାଇଗଣ ଗଛରେ ଦେଇ ସାରିବା ପରେ ଆଉ ଥରେ ଆଣିବାକୁ ଯାଇଥିଲେ। ପାଣି ଆଣିବା ପାଇଁ ନାଳ ଭିତରେ ଗରା ବୁଡାଇବା କ୍ଷଣି ଛକି ରହିଥିବା କୁମ୍ଭୀର ତାଙ୍କ ଉପରକୁ ଝାମ୍ପ ମାରିଥିଲା। କୁମ୍ଭୀର ଝାମ୍ପ ମାରିବା ପରେ ଭାଇ କୁମ୍ଭୀର ନେଇଗଲା ବୋଲି ଦୁଇ ଥର ଡାକ ଛାଡ଼ିଥିଲେ। ପାଣି ଦେଉଥିବା ବଡ଼ ଭାଇ ନିର୍ମଳ ଓ ସମ୍ପର୍କୀୟ ଭାଉଜ ପୁଷ୍ପ ମଳିକ ସେଠାରେ ପହଞ୍ଚିବା ବେଳକୁ କୁମ୍ଭୀର ନିମାଇଁଙ୍କୁ ନାଳ ମଝିକୁ ନେଇ ସାରିଥିଲା। କୁମ୍ଭୀର ଉପରକୁ ନିର୍ମଳ ଟେକା ଫୋପାଡ଼ିବା ସହ ଡିଙ୍ଗି ଯୋଗେ ନିମାଇଁଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। କୁମ୍ଭୀର ନିମାଇଁଙ୍କୁ ପାଣି ଭିତରେ କେଉଁଠି ଲୁଚାଇ ଦେଇ ନାଳରୁ ବାହାରି ନଦୀ ମଧ୍ୟକୁ ଚାଲିଯାଇଥିଲା। ସେମାନଙ୍କ ଚିତ୍କାର ଶୁଣି ଗାଁ ଲୋକେ ଡିଙ୍ଗି ସାହାଯ୍ୟରେ ଖୋଜାଖୋଜି ପ୍ରଥମେ ଆରମ୍ଭ କରିଥିଲେ। ଖବରପାଇ ଏସିଏଫ୍ ଗଗନ ବିହାରୀ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ଅପରାହ୍ନ ୨ଟାରେ ନିମାଇଁଙ୍କ ମୃତଦେହ ନାଳ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ନିମାଇଁଙ୍କ ଦୁଇ ହାତରେ କୁମ୍ଭୀର କାମୁଡ଼ି ଥିବା କ୍ଷତ ଚିହ୍ନ ରହିଛି। ସ୍ଥାନୀୟ ଲୋକଙ୍କ କହିବା କଥା, ନଦୀରେ ଆମେ ସବୁବେଳେ କାରବାର କରିଥାଉ। ନଦୀ ପାଣି ବ୍ୟବହାର ନ କଲେ କିପରି ଚାଷ କରିବୁ, ଚାଷ ଯଦି ନ କରିବୁ ଖାଇବୁ କ'ଣ ବୋଲି ପ୍ରଶ୍ନ କରିଛନ୍ତି। ରାଜନଗର ଅଞ୍ଚଳରେ କୁମ୍ଭୀର ଆତଙ୍କ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ଏହି ପଞ୍ଚାୟତରେ ୨ବର୍ଷ ମଧ୍ୟରେ କୁମ୍ଭୀର ଆଁରେ ୩ଜଣଙ୍କ ପ୍ରାଣ ଗଲାଣି। ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ବଉଳା କୁମ୍ଭୀର ବର୍ଷାଦିନେ ଜୁଆର ସମୟରେ ଉପରମୁଣ୍ଡକୁ ଉଠି ଆସିଥାନ୍ତି। ରାଜନଗରରେ ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଘଟୁଥିବାରୁ ବନ ବିଭାଗ ପକ୍ଷରୁ ନଦୀକୂଳକୁ ଓ ନଦୀ ମଧ୍ୟକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର, ପ୍ରାଚୀରପତ୍ର ଓ ସଚେତନତା ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଶୁକ୍ରବାର କୁମ୍ଭୀର ଟାଣି ନେଇଥିବା ଗାଁରେ କୁମ୍ଭୀର ପ୍ରତି ସାବଧାନ ସାଇନ ବୋର୍ଡ ମରାଯାଇଛି। କୁମ୍ଭୀର ଟାଣିନେଇଥିବା ନାଳରେ ଯେଉଁଠି ଜନବସତି ଅଛି ସେଠାରେ ଗାଧୁଆତୁଠ ବ୍ୟାରିକେଡ ଦେଇ ନିର୍ମାଣ କରାଯାଇଛି।


ନିମାଇଁ ମଳିକ

# ମାତୃଭାଷାରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ

## ଆଇଆଇଟି ଇନ୍ଦୋରର ନବସୃଜନ, ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟମିତା ଅନୁଭୂତିମୂଳକ ଶିକ୍ଷାକେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର,୮।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଅଧିକ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଶୁକ୍ରବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଉଜ୍ଜୟିନୀ ଆଇଆଇଟି ଇନ୍ଦୋରର ଇନୋଭେଶନ, ଟେକ୍ନୋଲୋଜି ଏବଂ ଉଦ୍ୟମିତା ଅନୁଭୂତିମୂଳକ ଶିକ୍ଷାକେନ୍ଦ୍ରକୁ ଉଦଘାଟନ କରିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି ଶିକ୍ଷା କେନ୍ଦ୍ର ଉଦଘାଟିତ ହୋଇଛି। ପ୍ରଧାନ କହିଛନ୍ତି, ଉଜ୍ଜୟିନୀ ଆଷ୍ଟ୍ରୋନୋମି ଜ୍ଞାନ ଓ ଭାରତୀୟ ଜ୍ଞାନ ପରମ୍ପରାର ଏକ ମହାନ କେନ୍ଦ୍ର। ଆଧୁନିକ ଆଷ୍ଟ୍ରୋନୋମିର ଏକ ପ୍ରମୁଖ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଇଆଇଟି ଇନ୍ଦୋର ଉଜ୍ଜୈନରେ ଏକ ଲାବରୋଟାରି କମ୍ପ୍ଲେକ୍ସ ସ୍ଥାପନ କରିଛି। ବିଜ୍ଞାନକୁ ମୂଳଭାଗରୁ ପୁନଃସ୍ଥାପନ କରିବା ଦିଗରେ ବିଶ୍ୱକୁ ଏହା ଭାରତର ଅବଦାନ ରହିବ। ଆଜିର ପଦକ୍ଷେପ ମଧ୍ୟପ୍ରଦେଶରେ ବୈଷୟିକ ଶିକ୍ଷାକୁ ବଡ଼ ଗତି ଦେବ। ଉଦ୍ଭାବନ ଆମ ଡିଏନଏରେ ଅଛି। କ୍ରିଟିକାଲ ଥିଙ୍କିଂର ବିକାଶ ପାଇଁ ଆମକୁ ମାତୃଭାଷାରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଭାରତ ଏବଂ ମଧ୍ୟପ୍ରଦେଶ ମୂଳ ସହ ଯୋଡ଼ି ହୋଇ ଭବିଷ୍ୟତ ଜ୍ଞାନର ଏକ କେନ୍ଦ୍ରରେ ପରିଣତ ହେବ ବୋଲି ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।



# ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସମୀକ୍ଷା କଲେ ଇସି

ନୂଆଦିଲ୍ଲୀ,୮।୩(ପି.ଟି.)

ଲୋକ ସଭା ନର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସାରା ଦେଶରେ ସୁରକ୍ଷା ବଳ ମୁତୟନ ଓ ସେମାନଙ୍କ ପରିବହନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରେଲୱେରର ଶୀର୍ଷ ଅଧିକାରୀମାନଙ୍କ ସହ ଇସି ଆଲୋଚନା କରିଛନ୍ତି। ଏହି ବୈଠକରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର, ନିର୍ବାଚନ କମିଶନର ଅରୁଣ ଗୋଏଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମାଓବାଦୀ ଉପଦ୍ରୁତ ଅଞ୍ଚଳ ତଥା ଅଗମ୍ୟ ଅଞ୍ଚଳକୁ ସୁରକ୍ଷା ବଳ ପ୍ରେରଣ ଲାଗି ଆବଶ୍ୟକ ସଂଖ୍ୟକ ହେଲିକପ୍ଟର ଯୋଗାଇଦେବାକୁ ଇସି କହିଥିଲେ। ସେହିପରି ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଏବଂ ଅରୁଣାଚଳପ୍ରଦେଶ ବିଧାନସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀରରେ ବିଧାନସଭା ଭୋଟ କରାଇବା ସମ୍ଭାବନା ଉପରେ ମଧ୍ୟ ଇସି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିକାରୀଙ୍କ ସହ ଆଲୋଚନାକରିଥିବାଏକସୂତ୍ରରୁଜଣାପଡ଼ିଛି।

# ହୁଟି ଅକ୍ରମଣରେ ଆହତଙ୍କୁ ଚିକିତ୍ସା | ଜୀବନ ବଞ୍ଚାଇଲେ ବାରିପଦା ଝିଅ

ବାରିପଦା, ୮।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନୌସେନାରେ କାର୍ଯ୍ୟରତ ବାରିପଦାର ଝିଅ ସର୍ଜନ କମାଣ୍ଡର ଅନନ୍ୟା ଦଳବେହେରା ଜିଲା ପାଇଁ ଗର୍ବ ଆଣିଛନ୍ତି। ଏକାକୀ ଦିନରାତି ଚିକିତ୍ସା କରି ନୌ କର୍ମଚାରୀଙ୍କ ଜୀବନ ବଞ୍ଚାଇ ପାରିଛନ୍ତି। ଏନେଇ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

ଅନନ୍ୟାଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ସମ୍ପ୍ରତି ଇସ୍ରାଏଲର ଗାଜା ଆକ୍ରମଣ ହେତୁ ଲୋହିତ ସାଗରରେ ଭୟଙ୍କର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଲୋହିତ ସାଗର ପଥ ଦେଇ ବିଶ୍ୱର ଅଧିକାଂଶ ଦେଶର ତୈଳବାହୀ ଜାହାଜ ସମେତ ଅନ୍ୟାନ୍ୟ ପଣ୍ୟବାହୀ ଜାହାଜ ଯାତାୟାତ କରିଥାଏ। ଏହି ପଥଦେଇ ଭାରତର ପଣ୍ୟବାହୀ ଜାହାଜ ସବୁ ମଧ୍ୟ ଯାତାୟାତ କରିଥାଏ। ଏହି ଜାହାଜ ସବୁକୁ ସୁରକ୍ଷା ଦେବାପାଇଁ ଭାରତୀୟ ନୌବାହିନୀ ସେ ଅଞ୍ଚଳରେ ଅନେକ ଦିନରୁ ପଇଁତରା ମାରୁଛି। ଗତ ୬ ତାରିଖରେ ସଶସ୍ତ୍ର ହୁଟି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ତାଇୱାନର ଏକ ପଣ୍ୟବାହୀ ଜାହାଜ 'ଟ୍ରୁ କନ୍ଫିଡେନସ'ରେ ୨୧ ଜଣ ନୌ କର୍ମଚାରୀ ଥିଲେ। ସେଥିରେ ଜଣେ ଭାରତୀୟ ମଧ୍ୟ ଥିଲେ। କ୍ଷେପଣାସ୍ତ୍ର ମାଡ଼ରେ ଜଣେ ନାବିକଙ୍କ ମୃତ୍ୟୁ ହେବା ସହ ଅନ୍ୟମାନେ ଗୁରତର ଆହତ ହୋଇଥିଲେ। ସେମାନଙ୍କୁ ଭାରତୀୟ ନୌସେନାର ଏକ ଯୁଦ୍ଧତରୀ ଉଦ୍ଧାର କରିଥିଲା। ସେହି ଜାହାଜର ଏକମାତ୍ର ଡାକ୍ତର ଭାବରେ ନିଯୁକ୍ତ ଥିଲେ ବାରିପଦାର ଝିଅ ସର୍ଜନ କମାଣ୍ଡର ଅନନ୍ୟା ଦଳବେହେରା। ଜଣେ ମାତ୍ର ଡାକ୍ତରୀ ସହାୟକଙ୍କ ସହଯୋଗରେ ଅନନ୍ୟା ରାତି ତମାମ ଚିକିତ୍ସା କରି ସମସ୍ତ ଆହତଙ୍କ ଜୀବନ ବଞ୍ଚାଇ ପାରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା ,ଯେଉଁମାନଙ୍କ ବଞ୍ଚିବା ଆଶା କମ୍ ଥିଲା। ସେମାନଙ୍କ ଜୀବନ ବଞ୍ଚାଇ ପାରିଥିବାରୁ ବିଭିନ୍ନ ମହଲରେ ଅନନ୍ୟାଙ୍କୁ ପ୍ରଶଂସା କରାଯାଉଛି। ଅଳ୍ପ ବୟସରେ ଏତେ ବଡ଼ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିବାରୁ ସେ ମଧ୍ୟ ଆତ୍ମତୃପ୍ତି ଲାଭ କରିଛନ୍ତି ବୋଲି ତାଙ୍କ ପିତା ବିଶିଷ୍ଟ ସାହିତ୍ୟିକ ମନୋଜ ଦଳବେହେରା କହିଛନ୍ତି। ଉଲ୍ଲେଖଯୋଗ୍ୟ, କ୍ଷତିଗ୍ରସ୍ତ ଜାହାଜର ଭାରତୀୟ ନାଗରିକ ଏବେ ସୁସ୍ଥ ଅଛନ୍ତି।


ମା' ବାପାଙ୍କ ସହ ଅନନ୍ୟା।

# 'ପ୍ରାକୃତିକ କୃଷି ପୂର୍ବରୁ ପ୍ରକୃତିକୁ ଜାଣିବା ଜରୁରୀ'



ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାଶ ସୂଚନା ପ୍ରଦାନ କରୁଛନ୍ତି।

## ପ୍ରାକୃତିକ କୃଷି ପ୍ରଶିକ୍ଷଣ ଶିବିରରେ ଭାଗନେଲେ ୮୦

ସିମୁଳିଆ, ୮।୩(ସନ୍ତୋଷ ନାୟକ)

- କୃଷି କ୍ଷେତ୍ରରେ ଅତ୍ୟଧିକ ସାର ଔଷଧର ପ୍ରୟୋଗ ଫଳରେ ଅମ୍ଳ ସୃଷ୍ଟି ହୋଇ ମାଟିର ଗୁଣବତ୍ତା ନଷ୍ଟ ହୋଇଯାଇଛି। ଏଥିଯୋଗୁ କୃଷି ଓ କୃଷକ ପ୍ରଭାବିତ ହେବା ସହିତ ଏହାର କୁପରିଣାମ ସମଗ୍ର ଜୀବସମାଜ ଉପରେ ପଡୁଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବୁଧବାର ଓ ଗୁରୁବାର ଦୁଇଦିନ ବ୍ୟାପୀ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ 'ପ୍ରାକୃତିକ କୃଷି ପାଇଁ ଫସଲ ସଂରକ୍ଷଣ ଉପାଦନର ପ୍ରସ୍ତୁତି ପ୍ରଣାଳୀ' ଶୀର୍ଷକରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ୮୦ଜଣ କୃଷକ ସାଥି, କୃଷକ ଓ କୃଷି ବିଶେଷଜ୍ଞ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଶେଷଜ୍ଞ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାଶ ଜୈବିକ କୃଷି ପାଇଁ ନିମାସ୍ତ୍ର, ଅଗ୍ନେୟାସ୍ତ୍ର, ବ୍ରାହ୍ମାସ୍ତ୍ର, ଆଚ୍ଛାଦନ, ଫସଲ ପାଇଁ ଆବଶ୍ୟକତା ଅନୁସାରେ ଜଳ ବ୍ୟବହାର ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାକୃତିକ କୃଷିକୁ ଆପଣାଇବା ପାଇଁ ପ୍ରକୃତିକୁ ଜାଣିବା ପାଇଁ ପଡିବ। ପ୍ରକୃତିକୁ ବୁଝିପାରିଲେ ପ୍ରକୃତିର ପରିବର୍ତ୍ତନ ହୋଇପାରିବ ବୋଲି ସେ କହିଥିଲେ। ଜୈବିକ କୃଷି ପାଇଁ ଗୋଟିଏ ଦେଶୀ ଗାଈ ଦ୍ୱାରା ୧୦ଏକର ଜମି ଚାଷ ହୋଇପାରିବ। ଜଙ୍ଗଲ ପରି ଚାଷ ଜମିର ଉର୍ବରତା ବଢାଇବା ପାଇଁ ମାଟିରେ ଜୀବାଣୁ ସଂଖ୍ୟା ବଢାଯାଇପାରିଲେ ଜିଆ ସୃଷ୍ଟି ହୋଇ ମାଟି ହାଲକା ଓ ଉର୍ବର ହୋଇପାରିବ। କୃଷକ ସାଥୀ ଓ ଅଭିଜ୍ଞମାନେ ଜଣେ ଅନ୍ୟ ଜଣଙ୍କୁ ବୁଝାଇବା ସହିତ ସହଯୋଗର ହାତ ବଢାଇଲେ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ବୈଜ୍ଞାନିକ ଡ. ଦାଶ କହିଥିଲେ। ସେହିପରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ସଞ୍ଜୟ କୁମାର ମହାନ୍ତି ସୁସ୍ଥ ରହିବା ପାଇଁ ପ୍ରାକୃତିକ କୃଷିକୁ ଆପଣାଇବା ପାଇଁ ପଡିବ, ଅଣୁଜୀବ ଉପରେ ଆଧାର କରି ଯେଉଁ ଚାଷ କରାଯାଏ ତାହା ପ୍ରାକୃତିକ କୃଷି, କୃଷିରେ ରୋଗ ପୋକ ଦମନ ପାଇଁ ରାସାୟନିକ ଉପାୟରେ କେବଳ ସାର ଓ ଔଷଧ ଥିବା ବେଳେ ପ୍ରାକୃତିକ କୃଷିରେ ରୋଗ ପୋକ ଦମନ ପାଇଁ ୧୨ରୁ ୧୪ଟି ଉପାୟ ରହିଛି। ଅସନ୍ତୁଳିତ ପ୍ରକୃତିକୁ ରକ୍ଷା କରିବା ପାଇଁ ପ୍ରାକୃତିକ କୃଷି ଏକମାତ୍ର ଉପାୟ ଓ ଏହାକୁ ଆପଣାଇବା ପାଇଁ ସାରା ବିଶ୍ୱ ଆଗଭର ବୋଲି ସେ ମତବ୍ୟକ୍ତ କରିଥିଲେ। ଚାଷୀ ଓ କୃଷକମାନେ କୃଷି ବିଜ୍ଞାନ କେନ୍ଦ୍ରରେ ଜୈବିକ କୃଷି କ୍ଷେତ୍ର ପରିଦର୍ଶନ କରିବା ସହିତ ଜୀବାମୃତ, ବୀଜାମୃତ ଆଦି ପ୍ରସ୍ତୁତି ସମ୍ପର୍କରେ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାଶ ସୂଚନା ପ୍ରଦାନ କରିଥିଲେ।

# ମହାଶିବରାତ୍ରିରେ ମହାନଦୀରୁ ମିଳିଲା ଶତାଧିକ ନାଗମୂର୍ତ୍ତି

ବାଙ୍କୀ, ୮।୩
(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପୋଲ ନିକଟସ୍ଥ ମହାନଦୀରୁ ଶୁକ୍ରବାର ମହାଶିବରାତ୍ରିରେ ୧୦୦ରୁ ଉର୍ଦ୍ଧ୍ୱ ପିତ୍ତଳ ନାଗ ମୂର୍ତ୍ତି, ୧ ନାଗମୂର୍ତ୍ତି ଥିବା ଶିବଲିଙ୍ଗ ଏବଂ ୨ଟି ସିମେଣ୍ଟରେ ନିର୍ମିତ ବୃଷଭ ମୂର୍ତ୍ତି ମିଳିଛି। ସକାଳୁ ମତ୍ସ୍ୟଜୀବୀମାନେ ମହାନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ସେମାନଙ୍କ ଜାଲରେ ପ୍ରଥମେ କିଛି ନାଗମୂର୍ତ୍ତି ପଡ଼ିଥିଲା। ଅଧିକ ଖୋଜାଖୋଜି ପରେ ବାକି ସବୁ ମୂର୍ତ୍ତି ମିଳିଛି। ସୁବର୍ଣ୍ଣପୁର ଗ୍ରାମର ଯୁବକମାନେ ଏ ସମ୍ପର୍କରେ ପୋଲିସକୁ ଅବଗତ କରାଇଥିଲେ। ଏହାପରେ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ମହାନ୍ତି ସମସ୍ତ ନାଗମୂର୍ତ୍ତି, ଓ ବୃଷଭ ଉଦ୍ଧାର କରି ନିକଟସ୍ଥ ଶିବ ମନ୍ଦିରରେ ରଖିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।



# ପାରାଦୀପ ବନ୍ଦର ବାଟେ ବିଶ୍ୱସ୍ତରୀୟ କଣ୍ଟେନର ସର୍ଭିସ ଆରମ୍ଭ

- ପ୍ରଥମକରି ଓଡ଼ିଶା ସରକାର ପଣ୍ୟ କାରବାର କ୍ଷେତ୍ରରେ ନିବେଶ କଲେ
- ଓଡ଼ିଶାର କମ୍ପାନୀ ଆଉ ଅନ୍ୟ ରାଜ୍ୟ ବନ୍ଦର ଉପରେ ନିର୍ଭରଶୀଳ ହେବନାହିଁ

ପାରାଦୀପ,୮।୩(ଶରତ ରାଉତ)

ପାରାଦୀପ ବନ୍ଦର ବାଟେ ଶୁକ୍ରବାର ବିଶ୍ୱସ୍ତରୀୟ କଣ୍ଟେନର ପଣ୍ୟ କାରବାର ଆରମ୍ଭ ହୋଇଛି। ଏନେଇ ପାରାଦୀପ ବନ୍ଦର ଏବଂ ଓଡ଼ିଶା ସରକାରଙ୍କ ସହ ବିଶ୍ୱର ସର୍ବବୃହତ ଭୂମଧ୍ୟସାଗରୀୟ ଶିପିଂ କମ୍ପାନୀ ଏମ୍‌ଏସ୍‌ସି (ମେଡିଟାରାନ ଶିପିଂ କମ୍ପାନୀ)ବୁଝାମଣାପତ୍ର କରିଛି। ପ୍ରଥମଥର ପାଇଁ ପଣ୍ୟ କାରବାରରେ ଓଡ଼ିଶା ସରକାରଙ୍କ ଭାଗୀଦାରି ହୋଇଛି। ଉକ୍ତ କମ୍ପାନୀର ବୃହତ୍ ଜାହାଜ ଏମ୍‌ଭି ଟାଇଗର ଏଫ୍ ମେଡରେ ୨୫୦ଟି କଣ୍ଟେନର ବୋଝେଇ ହୋଇ ରାତି ୯ଟାରେ କଲମ୍ବୋ ଯାତ୍ରା କରିଛି। ଏହା ପାରାଦୀପ ବନ୍ଦରରୁ କଲିକତା ବନ୍ଦର ଦେଇ କଲମ୍ବୋ ଯିବ। ଫେରିବା ବେଳେ ବିଶାଖାପାଟଣା ବନ୍ଦର ଦେଇ ପାରାଦୀପ ଆସିବ। ଏମିତି ମାସକୁ ୩ ଥର ଯାତାୟାତ କରିବ। ୧୫୪.୫୫ ମିଟର ଲମ୍ବ ଓ ୨୫.୨୧ ମିଟର ପ୍ରସ୍ଥ ବିଶିଷ୍ଟ ଏମ୍‌ଭି ଟାଇଗରରେ ପ୍ରଥମ ପର୍ଯ୍ୟାୟରେ ବେଦାନ୍ତ କମ୍ପାନୀର ୯୦ ଏବଂ ଜିନ୍ଦଲ ଷ୍ଟିଲ କମ୍ପାନୀର ୩୬ଟି ଆଲୁମିନିୟମ କଣ୍ଟେନର ବୋଝେଇ ହୋଇଛି। କଣ୍ଟେନର ସର୍ଭିସ କ୍ଷେତ୍ରରେ ପ୍ରଥମକରି ଓଡିଶା ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ବିଭାଗ (ଏମ୍‌ଏସ୍‌ଏମ୍‌ଇ) ପକ୍ଷରୁ ଏହି ସେବା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଦେଶର ଅନ୍ୟ ବନ୍ଦରଗୁଡ଼ିକରେ ସମ୍ପୃକ୍ତ ରାଜ୍ୟ ସରକାର ସେଠାରେ ଥିବା କମ୍ପାନୀଗୁଡ଼ିକର ପଣ୍ୟ କାରବାର ସେହି ବନ୍ଦର ଜରିଆରେ କରୁଥିବାବେଳେ ଓଡିଶା ସରକାର ଏଥିରୁ ବଞ୍ଚିତ ରହୁଥିଲେ। ଏବେ ଓଡ଼ିଶା ସରକାର ମଧ୍ୟ ସେହିଭଳି ସେବା ଆରମ୍ଭ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଥିବା କମ୍ପାନୀଗୁଡ଼ିକ ଆଉ ଅନ୍ୟ ରାଜ୍ୟ ବନ୍ଦର ଉପରେ ନିର୍ଭରଶୀଳ ହେବେନାହିଁ ବୋଲି ଏମ୍‌ଏସ୍‌ଏମ୍‌ଇ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି। ଏପରି କଣ୍ଟେନର ସେବା ଜରିଆରେ ଯେଉଁ କମ୍ପାନୀଗୁଡ଼ିକ ପାରାଦୀପ ବନ୍ଦର ବାଟେ କାରବାର କରିବେ ସେମାନଙ୍କୁ ବନ୍ଦର ପ୍ରଶାସନ ୭୫% ରିହାତି ଦେବ। ଜାହାଜ ବିଦାୟୀ ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ଅପରାହ୍ନରେ ପିଆଇସିଟି ବର୍ଥ ପାଖରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ, ଏମ୍‌ଏସଏମଇ ସଚିବ ମିଶ୍ର, ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ସମେତ ଅନ୍ୟ ଅଧିକାରୀ, କମ୍ପାନୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଭଳି କଣ୍ଟେନର ସେବା ଓଡ଼ିଶା ପାଇଁ ସ୍ମରଣୀୟ ଦିନ ବୋଲି ମିଶ୍ର କହିଥିଲେ। ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ପାରାଦୀପ ବନ୍ଦର ୧୯୬୭ରୁ ଏପର୍ଯ୍ୟନ୍ତ ୫୭ ବର୍ଷ ହେଲା କେବଳ ଲୁହାପଥର, କୋଇଲା, ଅଶୋଧିତ ତୈଳ ଆମଦାନୀ ରପ୍ତାନି କରୁଥିଲା। ଏବେ ସବୁପ୍ରକାର ପଣ୍ୟ ଏହି କଣ୍ଟେନର ସର୍ଭିସ ଜରିଆରେ ହୋଇପାରିବ। ଓଡ଼ିଶାର କମ୍ପାନୀଗଡ଼ିକ ଯଦି ଧାର୍ଯ୍ୟ ପଣ୍ୟ ବୋଝେଇ କରିବାରେ ଅସମର୍ଥ ହେବେ ତାକୁ ରାଜ୍ୟ ସରକାର ଭରଣା କରିବେ।



# ସମ୍ଭାବ୍ୟ ମେଣ୍ଟ: ଦ୍ୱନ୍ଦ୍ୱରେ ବିଜେଡି, ଭାଜପା ନେତା

## କେନ୍ଦୁଝର ରାଜନୀତି

### କଂଗ୍ରେସ ଉତ୍ସାହିତ, ଦ୍ୱନ୍ଦ୍ୱରେ ଭୋଟର ଓ କର୍ମୀ

କେନ୍ଦୁଝର,୮।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଜେଡି ଓ ଭାଜପା ମେଣ୍ଟକୁ ନେଇ ଉଭୟ ବିଜେଡି- ଭାଜପା ଦଳର ନେତା ଓ କର୍ମୀ ନିରାଶ ହୋଇଥିବା ବେଳେ କଂଗ୍ରେସ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ମେଣ୍ଟ ହେବା ଘଟଣା ପ୍ରସାରିତ ହେବା ପରେ ଉଭୟ ଦଳର କର୍ମୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ପରସ୍ପର ବିରୋଧରେ ଦୋଷାରୋପ କୁତ୍ସାରଟନା କରିଆସୁଥିବା ନେତା ଓ କର୍ମୀମାନେ ଏବେ କିପରି ପରସ୍ପରକୁ ଆଲିଙ୍ଗନ କରି ସହାୟତା ମାଗିବେ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହାକୁ ନେଇ ଦ୍ୱନ୍ଦ୍ୱରେ ଭୋଟର ଓ ଦୁଇ ଦଳର କର୍ମୀମାନେ ରହିଥିବା ବେଳେ ଉଭୟ ଶିବିର ଖାଁ ଖାଁ ହୋଇ ପଡ଼ିଛି।

ଅନ୍ୟପକ୍ଷରେ ଉଭୟ ଦଳର ଆଶାୟୀ ପ୍ରାର୍ଥୀମାନେ ଏଭଳି ମେଣ୍ଟକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। କେଉଁ ସିଟ୍ କେଉଁ ଦଳର ଭାଗ ପଡ଼ିବ ଏବଂ କିଏ ସେ ଭାଗ୍ୟବାନ ଟିକଟ ପାଇବ, ସେନେଇ ଆଶାୟୀ ତଥା ସେମାନଙ୍କ ସମର୍ଥକଙ୍କ ଚିନ୍ତା ବଢ଼ିଯାଇଛି। ୨୦୦୦ ରୁ ୨୦୦୯ ପର୍ଯ୍ୟନ୍ତ ମେଣ୍ଟ ସରକାରରେ କେନ୍ଦୁଝର ସଦର, ଚମ୍ପୁଆ, ପାଟଣା, ଆନନ୍ଦପୁର, ଘଷିପୁରା ନିର୍ବାଚନ ମଣ୍ଡଳୀ ଭାଜପା ହାତରେ ଥିଲା। ସେହିପରି କେନ୍ଦୁଝର ଲୋକସଭା ସିଟ୍ ମଧ୍ୟ ଭାଜପା ହାତରେ ରହିଥିଲା। ବିଜେଡି ହାତରେ କେବଳ ତେଲକୋଇ ଥିବା ବେଳେ ଏବେ ସିଟ୍ ଭାଗ ନିଶ୍ଚିତ ଭାବରେ ପରିବର୍ତ୍ତନ ହେବ ଏବଂ ୩ ଲେଖାଏଁ ପ୍ରତ୍ୟେକ ଦଳ ନେବେ ବୋଲି ଆଲୋଚନା ହେଉଛି। କେଉଁ ଦଳ ଭାଗରେ କେଉଁ ନିର୍ବାଚନ ମଣ୍ଡଳୀ ପଡ଼ିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ବିଜେଡିର ସ୍ଥିତି ଆନନ୍ଦପୁର, ତେଲକୋଇ ଓ ଚମ୍ପୁଆରେ ଭଲ ନ ଥିବାରୁ ପ୍ରାର୍ଥୀ ପରିବର୍ତ୍ତନ କରିବା ଚର୍ଚ୍ଚା ହେଉଥିଲା। ସେହିପରି ଭାଜପାର ସ୍ଥିତି ସଦର, ଆନନ୍ଦପୁର, ପାଟଣା, ତେଲକୋଇରେ ଭଲ ଥିବା ନେଇ ଦଳୀୟ ନେତା ଦାବି କରିଆସୁଛନ୍ତି। ଘଷିପୁରା ନିର୍ବାଚନ ମଣ୍ଡଳୀ ଟାଣୁଆ ନେତା ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ଗଡ଼ ରହିଛି। ପୂର୍ବରୁ ୨୦୦୦ ନିର୍ବାଚନରେ ଏହି ସିଟ୍ ଭାଜପା ହାତକୁ ଚାଲିଯିବାରୁ ବଦ୍ରୀ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ଜିତିଥିଲେ। ଏବେ ମଧ୍ୟ ତାଙ୍କର ଦୃଢ ସଂଗଠନ ରହିଥିବାରୁ ହାତଛଡ଼ା କରିବେ ନାହିଁ ବୋଲି କୁହାଯାଉଛି। ତେବେ ପୂର୍ବ ମେଣ୍ଟକୁ ଆଧାରକରି ଭାଜପା ଉକ୍ତ ସିଟ୍‌ରେ ଲଢ଼ିବା ପାଇଁ ଆଶାବାନ୍ଧି ଥିବା ଜଣାପଡ଼ିଛି। ସେହିପରି ଖଣିଖାଦାନ ବହୁଳ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଭାଜପା ବାରମ୍ବାର ହାରି ଆସିଛି। ଏବେ ଉକ୍ତ ସିଟ୍‌ରେ ବିଜେଡିର ପ୍ରଭାବା ରହିଛି। ସେହିପରି ଥରେ ସ୍ୱାଧୀନ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ି ଜିଣିଥିବା ସନାତନ ମହାକୁଡ଼ଙ୍କ କାର୍ତ୍ତି ମଧ୍ୟ କମ୍ ନାହିଁ। ଉକ୍ତ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନର ବିଧାୟିକା ମୀନାକ୍ଷୀ ମହାନ୍ତ, ପୂର୍ବତନ ବିଧାୟକ ସନାତନ ମହାକୁଡ଼ ଓ ଜିତୁ ପଟ୍ଟନାୟକ, କୁଶ ଆପଟ, ମୁରଲୀ ଶର୍ମା, ରବୀନ୍ଦ୍ର ଦାସ ଭଳି ବିଭିନ୍ନ ଦଳର ହେଭିୱେଟ୍ ନେତା ଭାଗ୍ୟ ନିର୍ଦ୍ଧାରଣ ପାଇଁ ପାଗ ଭିଡୁଥିବା ବେଳେ ଏଭଳି ନିଷ୍ପତ୍ତି ଉଭୟ ଦଳ ପାଇଁ ସମସ୍ୟାର କାରଣ ହୋଇପାରେ। ବିଜେଡି ବା ଭାଜପା ଦଳରେ ସନାତନଙ୍କ ମିଶିବା ନେଇ ଚାଲିଆସୁଥିବା ଚର୍ଚ୍ଚାର ଏହି ମେଣ୍ଟକୁ ନେଇ ଅବସାନ ଘଟିଛି। ତେବେ ସନାତନ କେଉଁ ଦଳରେ ମିଶିବେ ନା ସମର୍ଥନ କରିବେ କିମ୍ୱା ପୂର୍ବଭଳି ସ୍ୱାଧୀନ ପ୍ରାର୍ଥୀ ଦେଇ ନିଜର ପତିଆରାକୁ ପୂର୍ବ ପରି ଜାରି ରଖିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଏଭଳି ପରିସ୍ଥିତିରେ ପୂର୍ବ କ୍ରମରେ ସଦର, ପାଟଣା, ତେଲକୋଇ ନିର୍ବାଚନ ମଣ୍ଡଳୀ ଭାଜପା ହାତରେ ପଡ଼ିପାରେ। ସେହିପରି ପୂର୍ବ ମେଣ୍ଟ ଭଳି ଲୋକସଭା ସିଟ୍ ଭାଜପା ହାତରେ ପଡ଼ିବ ବୋଲି ଦଳୀୟ ନେତା ଆଶାବ୍ୟକ୍ତ କରିଛନ୍ତି। ତେବେ ମେଣ୍ଟ ହେଲେ ବହୁ ଆଶାୟୀ ତଥା ଅସନ୍ତୁଷ୍ଟ ନେତା ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢିବେ ଏଥିରେ ଦ୍ୱିମତ ନାହିଁ। କାରଣ ଥରେ ମେଣ୍ଟ ହେଲେ ଏହା ପରବର୍ତ୍ତୀ ନିର୍ବାଚନରେ ମଧ୍ୟ ହେବା ଆଶଙ୍କା କରି ବହୁ ନେତା ଚିନ୍ତାରେ ରହିଛନ୍ତି। ସିଟ୍ ଭାଗବଣ୍ଟାକୁ ଅପେକ୍ଷା କରିଛନ୍ତି। ଏଣୁ ସ୍ୱାଧୀନ ପ୍ରାର୍ଥୀ ଉଭୟ ଦଳକୁ ଅଡୁଆରେ ପକାଇବେ। ଏଭଳି ପରିସ୍ଥିତି କଂଗ୍ରେସ ପାଇଁ ସୁବର୍ଣ୍ଣ ସୁଯୋଗ ହୋଇଥିଲା ବେଳେ ସେମାନେ ପୂର୍ବରୁ କିଭଳି ପ୍ରସ୍ତୁତି କରୁଛନ୍ତି ଏବଂ କାହାକୁ ପ୍ରାର୍ଥୀ କରୁଛନ୍ତି ସେସବୁ ଉପରେ ତାଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ମତପ୍ରକାଶ ପାଉଛି।

କଂଗ୍ରେସ ଜିଲା ସଭାପତି ମୋହନ ପରିଡ଼ା କହିଛନ୍ତି, ଆଗରୁ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ବୁଝାମଣା ଥିବା କୁହାଯାଉଥିଲା। ଏବେ ପ୍ରମାଣିତ ହେବାକୁ ଯାଉଛି। ସେମାନଙ୍କ ମେଣ୍ଟ କଂଗ୍ରେସ ପାଇଁ ଭଲ ଫଳ ଆଣିବ।

ମେଣ୍ଟ ନେଇ କୌଣସି ସୂଚନା ନାହିଁ। କ'ଣ ହେବ ଆଗାମୀ ଦିନରେ ସ୍ପଷ୍ଟ ଜଣାପଡ଼ିବ ବୋଲି ଉଭୟ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଓ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର କହିଛନ୍ତି।

## ସଂକ୍ଷେପରେ

### ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାସୁଦେବପୁର,୮।୩
(ନାରାୟଣ ପ୍ରସାଦ ବାରିକ୍)

ପବିତ୍ର ଶିବରାତ୍ରି ଅବସରରେ ବାସୁଦେବପୁର ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଶୁକ୍ରବାର ସକାଳୁ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶୈବ ମନ୍ଦିର ଗୁଡ଼ିକରେ ଭିଡ଼ ଜମାଇଥିଲେ। ବାସୁଦେବପୁରର ବ୍ରାହ୍ମଣଗାଁସ୍ଥିତ ପ୍ରସନ୍ନ କ୍ଷେମେଶ୍ୱର ମହାଦେବ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଲମ୍ବା ଲାଇନ୍‌ରେ ଭକ୍ତମାନେ ବୁଢ଼ା ମହାଦେବଙ୍କୁ ଦର୍ଶନ କରିଥିଲେ। ଚୁଡ଼ାମଣି କ୍ଷେମେଶ୍ୱର ମହାଦେବ, ଉଦ୍ଧଡିହାର ସିଦ୍ଧେଶ୍ୱର ମହାଦେବ, ପଢୁଁଆର କ୍ଷୀରେଶ୍ୱର ମହାଦେବ, ଭୈରବପୁର ଗ୍ରାମର ଭବାନୀଶଙ୍କର ମହାଦେବ, ରାଧାବଲ୍ଲଭପୁର ଗ୍ରାମର ସିନ୍ଧୁକେଶ୍ୱର ମହାଦେବଙ୍କ ସମେତ ବାସୁଦେବପୁର ଥାନା ପରିସରରେ ଥିବା ଶିବ ମନ୍ଦିର, ଡାକ୍ତରଖାନା ପରିସରରେ ଥିବା ଶିବ ମନ୍ଦିର ହାଇସ୍କୁଲ ଛକରେ ଥିବା ଶିବ ମନ୍ଦିର ତଥା ସମସ୍ତ ଗାଁ ଗହଳୀରେ ଥିବା ଶୈବପୀଠ ମଧ୍ୟ ଉତ୍ସବମୁଖର ହୋଇପଡ଼ିଛି।

### କ୍ରେଜି-୧୧ ଭଦ୍ରକ ଚାମ୍ପିୟନ

#### ପୁରୁଣାବଜାର ପ୍ରିମିୟର ଲିଗ୍ କ୍ରିକେଟ

ଭଦ୍ରକ,୮।୩
(ସନାତନ ରାଉତ)

ଭଦ୍ରକ ପୁରୁଣାବଜାରସ୍ଥିତ ମହାବୀର ପଡ଼ିଆରେ ହନିଫ କ୍ଲବ ଓ ଅଲୀ ସ୍‌କ୍ଲବ ପକ୍ଷରୁ ଚାଲିଥିବା ରାତ୍ରକାଳୀନ ତୃତୀୟ ବାର୍ଷିକ ପୁରୁଣାବଜାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କ୍ରେଜି -୧୧ ଭଦ୍ରକ ହାପି-୧୧ କଟକକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି କ୍ରେଜି-୧୧ ନିର୍ଦ୍ଧାରିତ ୧୫ ଓଭରରେ ଅସ୍‌ଲାମ୍ ଖାଁଙ୍କ ୧୯ ବଲରେ ବିସ୍ଫୋରକ ୬୬ ରନ୍ ସହାୟତାରେ ୭ ଉଇକେଟ ହରାଇ ୨୧୯ ରନ୍ କରିଥିଲା। ଜବାବରେ ହାପି-୧୧ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୬୬ ରନ୍ କରିଥିଲା। ୫୩ ରନ୍‌ରେ କ୍ରେଜି-୧୧ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜେଡି ଯୁବନେତା ଅସୀତ ପଟ୍ଟନାୟକ ଓ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍ସୀ ଦଲାୱାଜି ହବିବ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଜାଗୃତି କ୍ରିକେଟ ଏକାଡେମୀ, ଭୁବନେଶ୍ୱର ଓ ଜଗତ କ୍ରିକେଟ ଏକାଡେମୀ, ବାଲେଶ୍ୱର ମଧ୍ୟରେ ଏକ ମହିଳା କ୍ରିକେଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତ କ୍ରିକେଟ ଏକାଡେମୀ ବିଜୟୀ ହୋଇଥିଲା।

# ଆରଡ଼ି ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ

## ଜାଳିଲେ ମାନସିକ ଦୀପ

ଭଦ୍ରକ,୮।୩(ସନାତନ ରାଉତ)


ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

ମହାଶିବରାତ୍ରି ତଥା ଜାଗର ପାଇଁ ଶୁକ୍ରବାର ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବ ପୀଠ ଆରଡ଼ିସ୍ଥିତ ଆଖଣ୍ଡଳମଣି ପୀଠ ଉତ୍ସବ ମୁଖର ହୋଇଉଠିଥିଲା। ଚଳିତ ବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିବା ବେଳେ ରାତି ଉଜାଗର ରହି ଭକ୍ତମାନେ ମାନସିକ ଦୀପ ଜାଳିଥିଲେ।

ଭୋର ୪ଟାରେ ପହଡ଼ ଖୋଲାଯାଇ ମଙ୍ଗଳ ଆରତି ପରେ ୫ଟା ୪୫ରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଲାଗି ରହିଥିଲା। ସନ୍ଧ୍ୟା ସାଢ଼େ ୭ଟାରେ ପ୍ରଥମ ପ୍ରହର ଉପଚାର ପୂଜା ଓ ଅଭିଷେକ କରାଯାଇଥିବା ବେଳେ ରାତି ୧୨ଟା ୩୦ ସୁଦ୍ଧା ଚତୁର୍ଥ ପ୍ରହର ଉପଚାର ପୂଜା ଓ ଅଭିଷେକ ଶେଷ କରାଯାଇଥିଲା। ରାତି ୧ଟା୩୦ରେ ଶ୍ରୀଜୀଉଙ୍କ ସୁନାବେଶ ସମ୍ପୂର୍ଣ୍ଣ ଓ ମହାଦୀପ ପ୍ରସ୍ତୁତି କରାଯାଇଥିଲା। ବାବା ଆଖଣ୍ଡଳମଣିଙ୍କୁ ଦିଗମ୍ବର ବେଶରେ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ଘର୍ଷଣ ଭୋଗ ଲାଗି କରିଥିଲେ। ସକାଳଠାରୁ ରାତି ପର୍ଯ୍ୟନ୍ତ ଧାଡ଼ି ବାନ୍ଧି ଭକ୍ତମାନେ ବାବାଙ୍କ ଦର୍ଶନ କରିଥିଲେ। ଫୁଲ ଓ ଆଲୋକମାଳାରେ ମନ୍ଦିରକୁ ସଜ୍ଜିତ କରାଯାଇଥିବା ବେଳେ ରାତି ୧ଟା୩୦ରେ ସୁନାବେଶ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଛାତ୍ରୀଛାତ୍ର, ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ପୀଠକୁ ସଫେଇ କରାଯିବା ସହ ଜଳଛତ୍ର ଖୋଲାଯାଇ ସରବତ ବଣ୍ଟନ କରାଯାଇଥିଲା। ପାନ୍ଥନିବାସ ନିକଟରେ ଚାରିଚକିଆ ଓ ବସ୍‌ଷ୍ଟାଣ୍ଡଠାରେ ଦୁଇ ଚକିଆ ଯାନ ଅଟକାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୯ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେହିପରି ନଦୀଘାଟରେ ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ସଜାଗ ରହିଥିଲେ। ତିନିତର, ମୁଆଁ ଓ ଧାନଖଣିଆ ଘାଟରେ ଭୁଟୁଭୁଟି ସାହାଯ୍ୟରେ ଭକ୍ତମାନଙ୍କର ଆସିବା ପାଇଁ ବ୍ୟବସ୍ଥା କରାଯାଇଥିଲା।

## ରାତି ଉଜାଗର ହୋଇ ଦୀପ ଜାଳିଲେ ଶ୍ରଦ୍ଧାଳୁ



ଲୋକନାଥ ମନ୍ଦିର ପରିସରରେ ମହିଳାମାନେ ଦୀପ ଜାଳୁଛନ୍ତି।

ଭଦ୍ରକ,୮।୩(ସନାତନ ରାଉତ)

ମହାଶିବରାତ୍ରି ଉପଲକ୍ଷେ ଶୁକ୍ରବାର ଜିଲାର ସମସ୍ତ ଶୈବପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ସକାଳଠାରୁ ରାତି ପର୍ଯ୍ୟନ୍ତ ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ମଧ୍ୟ ଭିଡ଼ ଲାଗିଥିଲା। ଭଦ୍ରକ ସହରର ପ୍ରମୁଖ ଶୈବ ପୀଠ ଲୋକନାଥ ମନ୍ଦିରରେ ଭୋର ୪ଟାରୁ ମଙ୍ଗଳ ଆରତି କରାଯାଇ ସର୍ବସାଧାରଣ ଦର୍ଶନ ପାଇଁ ପହଡ଼ ଖୋଲାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଧାଡ଼ି ବାନ୍ଧି ଦିଅଁ ଦର୍ଶନ କରି ଭୋଗ ଲଗାଇବା ସହ ଫୁଲ ଛତା ପ୍ରଦାନ କରିଥିଲେ। ମୁଖ୍ୟ ପୂଜକ ବିଜୟ ପାଣିଙ୍କ ନେତୃତ୍ୱରେ ତ୍ରିନାଥ କର, ସଞ୍ଜୟ ପାଣି ପ୍ରମୁଖ ପୂଜକମାନେ ବାବା ଲୋକନାଥଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ମୋଗଲ ତାମସା ପରିବେଷଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ମୁତୟନ ରହିଥିଲେ। ସେହିପରି ସହରର ପୋଷ୍ଟଅଫିସ ଛକରେ ଥିବା ନୀଳଲୋହିତ ମନ୍ଦିର, ବନ୍ତ ବ୍ଲକର ଅଣିଜୋ ସ୍ଥିତ ସିନ୍ଧୁକେଶ୍ୱର ପୀଠ, ରାଉତରାପୁରସ୍ଥିତ ସୁବର୍ଣ୍ଣେଶ୍ୱର ପୀଠ, ଆଡ଼ିଆ ସ୍ଥିତ ଆରଡ଼େଶ୍ୱର, ପୁରୁଷଣ୍ଡର ବୁଢ଼ା ମହାଦେବ ମନ୍ଦିରରେ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁମାନେ ଉପବାସ ରହି ସନ୍ଧ୍ୟାରେ ଦୀପ ଜାଳି ନିଜର ମଙ୍ଗଳ କାମନା ପାଇଁ ବାବାଙ୍କୁ ପ୍ରାର୍ଥନା କରିଥିଲେ।

## ଜାଗର ପାଇଁ ଶୈବପୀଠ ଚଳଚଞ୍ଚଳ



ଜଗତେଶ୍ୱର ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସହ ବିଧାୟକ ସୂର୍ଯ୍ୟବଂଶୀ ସୂରଜ।

ଧାମନଗର,୮।୩(ଦେବେନ୍ଦ୍ର ଆନ୍ଦିଆ)

ମହାଶିବରାତ୍ରି ତଥା ଜାଗର ଯାତ୍ରା ପାଇଁ ଶୁକ୍ରବାର ଧାମନଗର ବ୍ଲକର ବିଭିନ୍ନ ଶୈବ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ବ୍ଲକର କରଦା ପଞ୍ଚାୟତସ୍ଥିତ ଖିଲାଟେଶ୍ୱର ମନ୍ଦିର, ଦେହୁଡି ଆନନ୍ଦପୁର ପଞ୍ଚାୟତର ହରିହର, ଝାଡେଶ୍ୱର, ବାଲିପାଟଣା ଗ୍ରାମର ବାବା ଜଗତେଶ୍ୱର ଓ ଉତ୍ତେଇପୁରର ଜାନକେଶ୍ୱର ସମେତ ସମସ୍ତ ଶୈବପୀଠରେ ଜାଗରଯାତ୍ରା ପାଳିତ ହୋଇଛି। ଜଗତେଶ୍ୱର ମନ୍ଦିରରେ ଭୋରୁ ୪ ଟାରୁ ପହଡ ଖୋଲିବା ପରେ ମଙ୍ଗଳ ଆଳତି, ମହାସ୍ନାନ, ଭୋଗ, ବିଭିନ୍ନ ବେଶ, ଷୋଡଶ ଉପଚାର ପୂଜା, ଅଭିଷେକ, ଯଜ୍ଞ ଓ ଶିବପୁରାଣ ଆଦି ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ରବିନାରାୟଣ ଦୀକ୍ଷିତ ଓ ହରିଶଙ୍କର ଦୀକ୍ଷିତ, ଶିବଶଙ୍କର ନନ୍ଦ ଓ ସୀତାରାମଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଭଜନ ଓ କୀର୍ତ୍ତନ ସହିତ ବିଳମ୍ବିତ ରାତିରେ ମନ୍ଦିର ଚୂଡାରେ ମହାଦୀପ ସ୍ଥାପନ ହୋଇଥିଲା। ସେହିପରି ଅନ୍ୟ ସମସ୍ତ ଶିବ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ସ୍ଥାନୀୟ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଭାଜପା ମୁକୁନ୍ଦ ଦେବ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତି, ଅରବିନ୍ଦ ପତି, ମନୋରଞ୍ଜନ ମଲ୍ଲିକ, କୈଳାସ ମହାପାତ୍ର, ବୁଧଦେବ ଜେନା, ପ୍ରମୋଦ ଆନ୍ଦିଆ ପ୍ରମୁଖ ବିଭିନ୍ନ ଶୈବପୀଠ ଦର୍ଶନ କରି ପ୍ରଭୁଙ୍କ କୃପା ଲାଭ କରିଥିଲେ।

## ଭଣ୍ଡାରିପୋଖରୀରେ ଜାଗର ଉତ୍ସବ

ଭଣ୍ଡାରିପୋଖରୀ,୮।୩
(ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଭାବ ଭକ୍ତିର ସହିତ ଶୁକ୍ରବାର ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ଆଖୁଆପଦା ହରପାର୍ବତୀ ମନ୍ଦିର, ମାଳଦାର ଛୋଟେଶର ମନ୍ଦିର, ରହଣିଆ ନୂଆ ମହାଦେବ, ଆଙ୍କୁଲିକଣା ବରୁଣେଶ୍ୱର, ଥଇଲା ବାବା ଦୁଖେଶ୍ୱର, ରାଢୋ ବିଶ୍ୱେଶ୍ୱର ପୀଠ ସମେତ ବ୍ରହ୍ମ କୁମାରୀ ବିଶ୍ୱବିଦ୍ୟାଳୟଠାରେ ଜାଗର ଯାତ୍ରା ପାଳିତ ହୋଇଛି। ଏହା ବ୍ୟତୀତ ବାରିକପୁର, କୁଲଣା, ଡେସିଙ୍ଗା, ନାଆମୀ, ମଞ୍ଜୁରୀ, ବାଲିପୋଖରୀ, ଷୋଳମପୁର, ରାମଚନ୍ଦ୍ରପୁର, ରାଜେନ୍ଦ୍ରପୁର, ଦକ୍ଷିଣବାଡ ଆଦି ସ୍ଥାନରେ ଥିବା ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ସମସ୍ତ ପୀଠ ନାମ ସଂକୀର୍ତ୍ତନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶୈବପୀଠରେ ବିଧାୟକ ପ୍ରଫୁଲ୍ଲ ସାମଲ, କଂଗ୍ରେସ ନେତା ସୁବ୍ରତ ଦାସ, ଭାଜପା ନେତା ବଦ୍ରୀ ନାରାୟଣ ଧଳ ପ୍ରମୁଖ ପହଞ୍ଚି ମହାଦେବଙ୍କ ଆଶିଷ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା।

## ବନ୍ତରେ ଜାଗରଯାତ୍ରା

ବନ୍ତ,୮।୩(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ମହା ଶିବରାତ୍ରି ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି। ବରକୋଣାସ୍ଥିତ ସିଦ୍ଧରାମେଶ୍ୱର ମହାଦେବଙ୍କର ୪୮ତମ ମହାଶିବରାତ୍ରି ଓ ଯଜ୍ଞ ମହୋତ୍ସବ ପାଳିତ ହୋଇଛି। ଚିଲୋ-ବଉଳସାହିସ୍ଥିତ ସିଦ୍ଧେଶ୍ୱର ମନ୍ଦିର, ବରଡେଶ୍ୱରସ୍ଥିତ ବରଡ଼େଶ୍ୱର ମହାଦେବଙ୍କ ପୀଠ, ସେଣ୍ଡତୀରାରେ ସିଦ୍ଧେଶ୍ୱର, ଗୋବିନ୍ଦପୁରରେ ଭୀମେଶ୍ୱର, ଏରେଣ୍ଡେଇର ମଦନେଶ୍ୱର, ଶିଆଳିଆର ରାଜକେଶ୍ୱର, ନିଳୋକର ନିଳକଣ୍ଠେଶ୍ୱର, ଭୁବନେଶ୍ୱରପୁର ଶାସନସ୍ଥିତ ଭୁବନେଶ୍ୱର, ନରସିଂହପୁରର ଗୁପ୍ତେଶ୍ୱର, ମାଳତୀରାର ମାଳତୀଶ୍ୱର, ପଧାନପଡାର ସିଦ୍ଧେଶ୍ୱର ଓ ଚନ୍ଦନେଶ୍ୱର, ତରାଗୋର ତାଡକେଶ୍ୱର, ଅଣ୍ଡିଆର ତାଡକେଶ୍ୱର, ବନ୍ତର ଚଣ୍ଡେଶ୍ୱର, ଦୋଳପଦୀର ଚନ୍ଦ୍ରଶେଖର, କୁମ୍ଭରିଆର ବାଲୁଙ୍କେଶ୍ୱର, ଷଠଡୀରାର ସ୍ୱପ୍ନେଶ୍ୱର, ଛୟାଳସିଂ ଠାରେ ବାବା ଖଗେଶ୍ୱର ପୀଠ, ଗଣିଜାଙ୍ଗ ଶାସନର ଭକ୍ତେଶ୍ୱର, ହାସିନପୁର ପଣ୍ଡାସାହିର ଜମେଶ୍ୱର, ବୃନ୍ଦାବନପୁରର ମଣିଶ୍ୱର, କାଶିପୁରରେ କାଶିବିଶ୍ୱେଶ୍ୱର, ତୁଣ୍ଡାର କପିଳେଶ୍ୱର, ଗୋପାଳପୁରର ଯୋଗେଶ୍ୱର, ବୋଡକ ପାଟଣାର ତାଡକେଶ୍ୱର, ବାଲୁକେଶ୍ୱର, ରାମକୃଷ୍ଣପୁରର ବାଲୁଙ୍କେଶ୍ୱର, ରାଧାନଗର, ତ୍ରିକୋଣା, ଚିଲୋ-ମାଳିସାହି, ଦେବତାଗଡିଆ, ବନ୍ତ ଜଳସେଚନ କାର୍ଯ୍ୟାଳୟ, ବନ୍ତ ଥାନା ପରିସର, କେନ୍ଦୁଆପଦା, ବସନ୍ତିଆ, ପଙ୍ଗୀରା ପ୍ରଭୃତି ମନ୍ଦିରରେ ଶିବରାତ୍ରି ପାଳିତ ହୋଇଛି।

## ଜାଗରଯାତ୍ରା ପାଇଁ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ


ମୁକ୍ତେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ତିହିଡି,୮।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ ବିଭିନ୍ନ ଶୈବପୀଠରେ ଶୁକ୍ରବାର ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିସହ ମାନସିକଧାରୀମାନେ ପ୍ରାତଃ ସମୟରେ ସ୍ନାନସାରି ମହାଦେବଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ। ଭାଟପଡ଼ା ପଞ୍ଚାୟତ ଅଧୀନ ଶଙ୍ଖିଡ଼ା ଗ୍ରାମର ଶଙ୍ଖଡ଼େଶ୍ୱର, ସୟା ଅଧୀନ ବାଉଁଶବାଗ ଗ୍ରାମର ମୁକ୍ତେଶ୍ୱର, ଗୁଆମାଳର କୁମାରେଶ୍ୱର, ଫତେପୁର ପଞ୍ଚାୟତ ବଡ଼ଗାଲୋ ଗ୍ରାମର ବକ୍ରେଶ୍ୱର, କୋହ୍ଲ ଗ୍ରାମର କୃଷ୍ଣେଶ୍ୱର, ମୂଷାଙ୍ଗ ଗ୍ରାମର ବାଲୁକେଶ୍ୱରଙ୍କ ପୀଠରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାଛଡ଼ା ଶହେ ଶିବ ଲିଙ୍ଗର ଗାଁ ଭାବେ ସୁପରିଚିତ ନରେନ୍ଦ୍ରପୁର ପଞ୍ଚାୟତର ଛତ୍ରପଦା ଗ୍ରାମ ମଧ୍ୟ ଜାଗର ଯାତ୍ରା ପାଇଁ ଉତ୍ସବମୁଖର ହୋଇଛି। ଗ୍ରାମରେ ବାଟେଶ୍ୱର, ଭୁଙ୍ଗେଶ୍ୱର, କପାଳେଶ୍ୱର, ବେଲେଶ୍ୱର, ଚମ୍ପକେଶ୍ୱର, ବାଡ଼େଶ୍ୱର ଇତ୍ୟାଦି ମହାଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁକ୍ତେଶ୍ୱରଙ୍କ ପୀଠରେ ବାଉଁଶବାଗ ସେବା ସଂଗଠନ ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟ କରାଯାଇଥିଲା। ସଂଗଠନର ସଭାପତି ନାଗେଶ୍ୱର ଦାସ, ଉପସଭାପତି ନବଘନ ପାତ୍ର, ସମ୍ପାଦକ ମନୋଜ ନାୟକ, ଅଜୟ ନାୟକ, ଶୁଭେନ୍ଦୁ ମଲ୍ଲିକ, ଅଜିତ୍ ସେଠୀ, ରବୀନ୍ଦ୍ର ମହାନ୍ତି ପ୍ରମୁଖ ସେବା କାର୍ଯ୍ୟରେ ନିୟୋଜିତ ଥିଲେ।

## ମହିଳା ଦିବସରେ ସଚେତନତା ରାଲି

ବନ୍ତ,୮।୩
(ହରି ନାରାୟଣ ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତର ଶତାଧିକ ମହିଳା ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଲୋକଙ୍କୁ ଦିବସ ପାଳନ ସମ୍ପର୍କରେ ସଚେତନ କରିଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା ସିଏଫ୍‌ଡବ୍ଲ୍ୟୁଏସ୍‌ଡି ଆନୁକୂଲ୍ୟରେ ତଥା ଲୋକଶକ୍ତି ଓ ଜଗତଜ୍ୟୋତି ମହିଳା ମହାସଂଘ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏମ୍‌ବିକେ ତୁଳସୀ ମଲ୍ଲିକ, ମହାସଂଘ ସମ୍ପାଦିକା ଶଶୀରାଣୀ ଅଗସ୍ତି, ପୂର୍ବତନ ମହିଳା ମହାସଂଘ ସଭାନେତ୍ରୀ କୁଞ୍ଜଲତା ଜେନା, ସିଆର୍‌ପି ମିନାକ୍ଷୀ ସାହୁ, ଜୟନ୍ତୀ କଟୁଆଳ, ସୁଜାତା ଜେନା, ତନ୍ମୟୀ ଦାସ, ନାରୀନେତ୍ରୀ ମମତା ମହାପାତ୍ର, ପାର୍ବତୀ ଜେନା, ସରସ୍ୱତୀ ସେଠୀ, କାର୍ଯ୍ୟକାରୀ ସଭ୍ୟା ପାର୍ବତୀ ସାହୁ, ମାନସୀ ସାହୁଙ୍କ ସମେତ ଅନ୍ୟ ମାନେ ପରିଚାଳନା କରିଥିଲେ ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଉପସ୍ଥିତ ମହିଳାମାନେ।

ଭଦ୍ରକ,୮।୩(ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନରେ ସାମାଜିକ ସଂଗଠନ ଫେଲୋଶିପ୍ ପକ୍ଷରୁ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ଓ ଇନ୍‌ର ହୁଇଲ କ୍ଲବ୍ ସହାୟତାରେ ଶୁକ୍ରବାର ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଫେଲୋସିପ୍‌ର ସଭାପତି ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅତିଥିଭାବେ ସୋମାଚାନ୍ଦ, ଡିଏସ୍‌ପି ଡିଆଇବି ପ୍ରଭାତ ବିଶ୍ୱାଳ, ରାଧାରାଣୀ ମହାପାତ୍ର, ଡ. ସୁକାନ୍ତି ମହାପାତ୍ର, ଅବନ୍ତୀ ମଲ୍ଲିକ, ଇପ୍‌ସିତା ଜେନା, ସୋଫିଆ ସେକ୍, ସୁରଜିତା ନାୟକ ପ୍ରମୁଖ ଯୋଗଦେଇ ସମାଜ ଗଠନରେ ମହିଳାଙ୍କ ଭୂମିକା ଓ ସେମାନଙ୍କ ଉପରେ ହେଉଥିବା ଘରୋଇ ହିଂସା ଓ ଅତ୍ୟାଚାର, ନିରାକରଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଫେଲୋଶିପର ସମ୍ପାଦକ ଏସ୍‌ଏମ୍ ଫାରୁକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚାରୁଲତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଫେଲୋଶିପ୍ ଓ ଆସିଆନାର ଶିଶୁମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଫେଲୋଶିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା ଗୁହାଳ, ରୋଷେଇଘର

ତିହିଡି,୮।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ତହସିଲ କୁବେରା ପଞ୍ଚାୟତ ଅଧୀନ ଇଟାଗଡ଼ି ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ବୈକୁଣ୍ଠ ନାଥ ଖଟୁଆଙ୍କ ରୋଷେଇ ଘର ଓ ଗୁହାଳ ଜଳିଯାଇଛି। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଇଛି। ଗୁହାଳରେ ଥିବା ଗୋଟିଏ ଗାଈ ଓ ବାଛୁରୀ ନିଆଁରେ ପୋଡ଼ି ଗୁରୁତର ହୋଇଥିବା ବେଳେ ୩ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡିଛି। ଖବର ପାଇ ତିହିଡି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେ ବେଳକୁ ରୋଷେଇ ଘର ଓ ଗୁହାଳ ଜଳିଯାଇଥିଲା। ଶୁକ୍ରବାର ସକାଳେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

## ରାଧାକୃଷ୍ଣ ପାର୍କ ଓ ବିବାହ ମଣ୍ଡପ ଉଦ୍‌ଘାଟିତ

ଚାନ୍ଦବାଲି,୮।୩(କିଷାନ ପାତ୍ର)


ଉଦ୍‌ଘାଟନ ଅବସରରେ ବିଧାୟକ ଓ ଅନ୍ୟମାନେ।

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ୮ ନମ୍ବର ୱାର୍ଡସ୍ଥିତ ସାନହରିପୁରରେ ରାଧାକୃଷ୍ଣ ପାର୍କ ଓ ପୋଖରୀସାହିଠାରେ ଏକ ବିବାହ ମଣ୍ଡପ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟନ ହୋଇଯାଇଛି। ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ଏସି ପକ୍ଷରୁ ୨୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାଧାକୃଷ୍ଣ ପାର୍କ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବିବାହ ମଣ୍ଡପକୁ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଶିଶୁଙ୍କ ମନୋରଞ୍ଜନ ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଶାରୀରିକ ବ୍ୟାୟାମ ଉପକରଣ ଆଦି ଏହି ପାର୍କରେ ବ୍ୟବସ୍ଥା କରାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଉପାଧ୍ୟକ୍ଷ ଅମରେନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ପାରିଷଦ ଅମ୍ବିକା ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମାଝୀ, ପ୍ରକଳ୍ପ ଯନ୍ତ୍ରୀ ପ୍ରଭାତ ସାହୁ, ବିଧାୟକ ପ୍ରତିନିଧି ଅକ୍ଷୟ ନାୟକ, ମୁଖ୍ୟ ଯୋଜନା ଯନ୍ତ୍ରୀ ମନୀଷା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ଗ୍ରାମସ୍କିଙ୍କ ଦର୍ଶନ ରାଜନୀତି ବିଜ୍ଞାନ ପାଇଁ ଅମୂଲ୍ୟ ଉପାଦାନ'

ଭଦ୍ରକ,୮।୩(ସନାତନ ରାଉତ)



ସମ୍ମାନରେ ଅତିଥିମାନେ।

ଭଦ୍ରକ ମହିଳା ମହାବିଦ୍ୟାଳୟ ଯୁକ୍ତ ୩ ରାଜନୀତି ବିଭାଗ ଆନୁକୂଲ୍ୟରେ 'ସାମ୍ପ୍ରତିକ ବିଶ୍ୱରେ ଇଟାଲୀୟ ଦାର୍ଶନିକ ଆଣ୍ଟୋନିୟୋ ଗ୍ରାମସ୍କିଙ୍କ ଦର୍ଶନରେ ପ୍ରାସଙ୍ଗିକତା' ଶୀର୍ଷକ ସମ୍ମାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁପ୍ରୀତି କରଙ୍କ ପୌରହିତ୍ୟରେ ବିଭାଗୀୟ ମୁଖ୍ୟ ଅନିତା ଦଳାଇ ସମ୍ମାନ ପରିଚାଳନା କରିଥିଲେ। ସମ୍ମାନର ବିଷୟ ମୁଖ୍ୟ ଭାବେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ରାଜନୀତି ବିଭାଗ ମୁଖ୍ୟ ପ୍ରଫେସର ଡ. ସୁଦର୍ଶନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମସ୍କିଙ୍କ ଦର୍ଶନ ମାର୍କସବାଦର ଏକ ରୂପାନ୍ତରଣ। ଏହା ରାଜନୀତି ବିଜ୍ଞାନ ପାଇଁ ଅମୂଲ୍ୟ ଉପାଦାନ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ରାଜେଶ କୁମାର ପାହାରୀ, ଅଧ୍ୟାପିକା ପୁଷ୍ପଲତା ଧଳ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭୟ ଦାସ, ଇତିହାସ ବିଭାଗ ମୁଖ୍ୟ ଡ. ମନୋଜ କୁମାର ସାହୁ ଯୋଗଦେଇ ଛାତ୍ରୀ ଜୀବନରେ ସମ୍ମାନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ରାଷ୍ଟ୍ର ନିର୍ମାଣ ଓ ଶାସନରେ ବ୍ୟବହାରିକ ପ୍ରୟୋଗ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ। ଛାତ୍ରୀ ମଧୁସ୍ମିତା ପୃଷ୍ଟି ଓ ପ୍ରିୟପ୍ରିୟା ନାୟକ ନିଜ ନିଜ ସନ୍ଦର୍ଭ ପାଠ କରିଥିଲେ। ଯୁକ୍ତ ୩ର ୩ୟ ବର୍ଷ ଛାତ୍ରୀ ସ୍ୱାଗତିକା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ମୁଖ୍ୟ ଅତିଥି ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ରୁହି ନାଜିୟା ସୁଲତାନା, ସ୍ମିତା ପୃଷ୍ଟି, ଶୁଭଙ୍କରୀ ଦୀକ୍ଷିତ୍, ଶୁଭଲକ୍ଷ୍ମୀ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

ଖୁଣ୍ଟା,(ଦେବରଞ୍ଜନ ବେହେରା)- ବେଆଇନ ବାଲି ଓ ଲଘୁ ଖଣିଜ ପଦାର୍ଥ ଚାଲାଣ ଅଭିଯୋଗରେ ଖୁଣ୍ଟା ଥାନା ପୋଲିସ ୨ ଟ୍ରାକ୍ଟର ଜବତ କରିଛି। ଗୁରୁବାର ଖୁଣ୍ଟା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶିଳଘାଟୀ ପଞ୍ଚାୟତ ବାଲିଯୋଡ଼ା ଗ୍ରାମ ଦେଇ ୨ଟି ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିବା ଦେଖି ଚଢ଼ାଉ କରିଥିଲା। ପୋଲିସ କର୍ମଚାରୀମାନଙ୍କୁ ଦେଖି ଟ୍ରକ୍ଟର ଚାଳକ ଦ୍ୱୟ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ପୋଲିସ ୨ ଟ୍ରାକ୍ଟରକୁ ଜବତ କରିଥିଲା।

**ସଂକ୍ଷେପରେ**

## ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ପାଟଣା,୮।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ପୁରାତନ ଶୈବପୀଠ ଆନନ୍ଦେଶ୍ୱର ଶିବ ମନ୍ଦିର, ବୈତରଣୀ ତଟ ପରମେଶ୍ୱର ମହାଦେବ, ସ୍ୱାମ ଶାସନସ୍ଥିତ ସୋମେଶ୍ୱର ମହାଦେବ, ସାହାରପଡ଼ା ମୁଖ୍ୟାଳୟସ୍ଥିତ ସର୍ବେଶ୍ୱର, ତୁରୁମୁଙ୍ଗାସ୍ଥିତ ଗିରିଜା ଶଙ୍କର, ସରାସ କୋଲାସ୍ଥିତ ସିଦ୍ଧେଶ୍ୱର ଓ ମଲ୍ଲୀପଶିସ୍ଥିତ ମଲ୍ଲିକେଶ୍ୱରଙ୍କ ପୀଠରେଜାଗର ପାଇଁ ଭିଡ଼ ହୋଇଥିଲା। ଆନନ୍ଦେଶ୍ୱର ମନ୍ଦିରରେ ପୋଲିସ, ମନ୍ଦିର କମିଟି, ଆଦିତ୍ୟ ବାହିନୀ, ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ ଓ ଡ୍ରାଇଭର ମହାସଂଘ ଭିଡ଼ ନିୟନ୍ତ୍ରଣ କରିଥିଲା। ରାତି ୧୧ଟାରେ ପୂଜାର୍ଚ୍ଚନା ପରେ ମହାଦୀପ ଉଠିବ ବୋଲି ମନ୍ଦିର ଟ୍ରଷ୍ଟ ସଭାପତି ଅଜୟ ଦାଶ ସୂଚନା ଦେଇଛନ୍ତି। ଯୁଗୋଳ କିଶୋର ଦାଶ, ଅରୁଣ ମିଶ୍ର, ସନାତନ ଦାଶ ଓ ନାରାୟଣ ବାରିକ ସହଯୋଗ କରୁଥିବା ବେଳେ ପୂଜକ ପର୍ଶୁରାମ ପଣ୍ଡା, କ୍ଷୀରୋଦ ମିଶ୍ର, ନବ କିଶୋର ଦାଶ ପୂଜାର୍ଚ୍ଚନା କରୁଛନ୍ତି।

## ତାରକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରତିଭା ସମ୍ମାନ ସମାରୋହ

ଖଇରା, ୮।୩(ଉତ୍କଳବନ୍ଧୁ ପଣ୍ଡା)- ଖଇରା ବ୍ଲକ ଶିରିପୁର-ବାସିଦ୍ଦିପୁରଠାରେ ଗତ ୨ତାରିଖରୁ ଆରମ୍ଭ ହୋଇଥିବା ତାରକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଶନିବାର ଜଳାଭିଷେକ, ରବିବାର ଦେବୀ ଯଜ୍ଞ ଓ ନୃତ୍ୟ ପ୍ରତିଯୋଗିତା, ସୋମବାର ଗଣପତି ଯଜ୍ଞ ଓ ପ୍ରତିଭା ସମ୍ମାନ, ମଙ୍ଗଳବାର ସୂର୍ଯ୍ୟଯଜ୍ଞ, ପ୍ରତିଭା ସମ୍ମାନ ଏବଂ ବୁଧବାର ବିଷ୍ଣୁ ଯଜ୍ଞ ସହିତ ସନ୍ଧ୍ୟାରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ମଦନମୋହନ ପଣ୍ଡା, ରବିନାରାୟଣ ଶତପଥି, ଦାମୋଦର ପଣ୍ଡା, ଚକ୍ରଧର ଶତପଥିଙ୍କ ଦ୍ୱାରା ତାରକେଶ୍ୱରଙ୍କ ପୂଜାର୍ଚ୍ଚନା ସହ ପୂର୍ଣ୍ଣାହୂତି ଦିଆଯାଇଥିଲା। ଏହି ଅବସରରେ ଶତାଧିକ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଶଶିକାନ୍ତ ବେହେରା, ସମ୍ପାଦକ ମୁକ୍ତିକାନ୍ତ ପାଢୀ, ସଭ୍ୟ ଦାମୋଦର ସାହୁ, ପାଣ୍ଡବ ବେହେରା, ରାଜେନ୍ଦ୍ର ବେହେରା, ରତିକାନ୍ତ ବେହେରା, ଦୀପ୍ତିକାନ୍ତ ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାମଚନ୍ଦ୍ରପୁର,୮।୩(ଗଣେଶ୍ୱର ସା): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଛାଲୋ ପଞ୍ଚାୟତ ନାଉକଣା ଗ୍ରାମରେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ନର ସାଙ୍କ ଝିଅ ରଞ୍ଜିତା ଲାହେରି (୩୫)। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ୨୦୦୮ରେ ସୁନ୍ଦରଗଡ଼ ଜିଲା ଝିରିପାଣି ଥାନା ଝିରିପାଣୀ ଗ୍ରାମର ସନ୍ତୋଷ ଲାହେରିଙ୍କୁ ରଞ୍ଜିତା ବିବାହ କରିଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିବାରୁ ରଞ୍ଜିତା ୩ ବର୍ଷ ହେବ ବାପ ଘରେ ରହୁଥିଲେ। ଗୁରୁବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଁକୁଳ ଫାଣ୍ଡି ସେକେଣ୍ଡ ଅଫିସର୍ ଭୋଳେଶ୍ୱର ନାଏକ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏକ ଅପମୃତ୍ୟୁ ମାମଲା(ନଂ. ୬/୨୪) ରୁଜୁ ହୋଇଛି।

# ମାଣତ୍ରୀ ଶୈବପୀଠରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ବାରିପଦା, ୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥଙ୍କ ମନ୍ଦିରରେ ମହାଶିବରାତ୍ରି ଅବସରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ସଂଲଗ୍ନ ୨କି.ମି. ପରିବ୍ୟାପ୍ତ ଚାଷ ଜମିରେ ସହସ୍ରାଧିକ ବ୍ରତୀ ଜାଗର ଦୀପ ଜାଳୁଥିବା ଦେଖିବାକୁ ମିଳିଥିଲା। ଗୁରୁବାର ଏକବାର ଉପବାସ ପରେ ଶୁକ୍ରବାର ପ୍ରତ୍ୟୁଷରୁ ମାନସିକ ଭକ୍ତ ବା ଦଣ୍ଡବତିଙ୍କ ଲମ୍ବାଧାଡ଼ି ଲାଗିଥିଲା । ଭୋର ୪ଟାରେ ଦିଅଁଙ୍କ ପହଡ଼ ଖୋଲିଥିବା ବେଳେ ଚଳିତବର୍ଷ ପ୍ରଥମ କରି ପାଲିଙ୍କି ଶୋଭାଯାତ୍ରା ଓ ବିଶାଳ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଭୋର ୪ଟା ୩୦ରେ ଆଳତୀ ପରେ



ଦିଅଁ ଦର୍ଶନ ପାଇଁ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

ବାଲ୍ୟ ଭୋଗ, ୫ଟାରେ ସାଧାରଣ ଦର୍ଶନ ଓ ପୂଜା ଚାଲୁ ରହିଥିଲା। ଅପରାହ୍ଣ ୨ଟା ୩୦ରେ ପର୍ବାଣୀ ଭୋଗ ଅର୍ପଣ ସାଙ୍ଗକୁ ସନ୍ଧ୍ୟାରେ ଆଳତୀ ହୋଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ଓ ନିତ୍ୟାନୀ ପୂଜା ସ୍ୱାଭାବିକ ଭାବେ ଚାଲିଥିଲା। ରାତି ୧୧ଟାରେ ସାଧାରଣ ଦର୍ଶନ ବନ୍ଦ ସାଙ୍ଗକୁ ସରକାରୀ ଖଟଣୀ ଓ ବିଶେଷ ପୂଜା ଆରମ୍ଭ ହୋଇ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟା୩୦ରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ, ୩ଟାରୁ ୪ଟାରେ ନଗର କୀର୍ତ୍ତନ ସାଙ୍ଗକୁ ମହାଦୀପ ଉଠିଥିଲା। ଅନୁକୂଳ ପାଗ ପାଇଁ ଦିନତମାମ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଧର୍ମଜାଗରଣ ସମିତି ପକ୍ଷରୁ ୨୪ଘଣ୍ଟିଆ ‘ଓଁ ନମଃ ଶିବାୟ ଜପ’ ଧାର୍ମିକ ବାତାବରଣ ସୃଷ୍ଟି କରିଥିଲା। ମାଜିଷ୍ଟ୍ରେଟ, ବୈଶିଙ୍ଗା ଓ ବେତନଟୀ ଥାନା ଆଇଆଇସିଙ୍କ ନେତୃତ୍ୱରେ ୨ପ୍ଲାଟୁନ ପୋଲିସ ଫୋର୍ସ, ଅଫିସର ଓ କର୍ମଚାରୀ ମୁତୟନ ହୋଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ସଂଲଗ୍ନ ଜଳାଶୟରେ ଲାଇଫ ବୋଟ ରଖାଯାଇଥିବା ବେଳେ ଦୀପ ଜାଳିବା ସମୟରେ ବ୍ରତୀ ମାନଙ୍କୁ ସତର୍କ କରାଉଥିବା ଦେଖିବାକୁ ମିଳିଥିଲା।

## ଚମ୍ପୁଆରେ ମହାଦେବଙ୍କ ବିଶାଳ ମୂର୍ତ୍ତି ଉନ୍ମୋଚିତ



ଚମ୍ପୁଆ,୮।୩(ମହେଶ୍ୱର ଦାସ)

ପବିତ୍ର ମହା ଶିବରାତ୍ରି ଅବସରରେ ଚମ୍ପୁଆ ଏନ୍‌ଏସିର ଉନ୍ନତିରେ ଆଉ ଏକ ଫର୍ଦ ଯୋଡି ହୋଇଯାଇଛି। ଏନ୍‌ଏସିର ପ୍ରବେଶ ଦ୍ୱାର ଶାତକୁରୁଣିଆଠାରେ ମହାପ୍ରଭୁ ଶିବଙ୍କ ଏକ ବିରାଟକାୟ ପ୍ରତିମୂର୍ତ୍ତିକୁ ଲୋକାର୍ପିତ କରାଯାଇଛି। ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରି ଏହାକୁ ଲୋକାର୍ପିତ କରିଥିଲେ। ଯୁବନେତା ସୁବାସ ରାମ, ମାନସ ସାହୁ ଓ ରିଙ୍କୁ ବେହେରା ସମେତ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣଙ୍କ ସମାଗମ ହୋଇଥିଲା। ପ୍ରକୃତିଭରା ଚମ୍ପୁଆ ଏନ୍‌ଏସିରେ ପ୍ରବେଶ ଦ୍ୱାରରେ ଲୋକାର୍ପିତ ପ୍ରତିମୂର୍ତ୍ତି ଲୋକଙ୍କ ମଧ୍ୟରେ ଶ୍ରଦ୍ଧା ଓ ଭକ୍ତି ଉତ୍ପନ୍ନ କରିବା ସହିତ ଏନ୍‌ଏସିକୁ ସୁନ୍ଦର କରି ଗଢ଼ି ତୋଳିବ ବୋଲି ସାହୁ ସୂଚନା ଦେଇଛନ୍ତି।

## ମହାଦେବଙ୍କ ବରଯାତ୍ରୀରେ ଗଲେ ଭକ୍ତ



ବରଯାତ୍ରୀ ସାଜି ନୃତ୍ୟରେ ବିଭୋର ଭକ୍ତ ଓ ସୁସଜ୍ଜିତ ଗାଡ଼ିରେ ଭଗବାନ ଶିବଙ୍କ ପ୍ରତିମା।

ବଡ଼ବିଲ, ୮।୩(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ନିଆରା ପରମ୍ପରାରେ ଶିବରାତ୍ରିରେ ଶିବ ବିବାହ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଅପରାହ୍ନରେ ଭଗବାନ ଶିବଙ୍କ ବିବାହ ନିମନ୍ତେ ଭକ୍ତ ବରଯାତ୍ରୀ ସାଜି ନୃତ୍ୟରେ ବିଭୋର ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାସ୍ତ୍ର ଅନୁଯାୟୀ ଶୀତଳ ଷଷ୍ଠୀ ଦିନ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥାଏ। ହେଲେ ବଡ଼ବିଲରେ ଦୀର୍ଘ ୪୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ଶିବରାତ୍ରୀ ଦିନ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳନ ହୋଇ ଆସୁଛି। ଅପରାହ୍ନରେ ସ୍ଥାନୀୟ ଗୁଜୁରାଟୀ ଶିବ ମନ୍ଦିରରୁ ଭଗବାନ ଶିବଙ୍କ ଏକ ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇ ସୁସଜ୍ଜିତ ଏକ ଗାଡିରେ ରଖାଯିବା ପରେ ଶୋଭାଯାତ୍ରା ବାହାରିଛି। ହଜାର ହଜାର ଶିବଭକ୍ତ ବରଯାତ୍ରୀ ସାଜି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପଣା ପିଇ ଭକ୍ତମାନେ ବାଦ୍ୟର ତାଳେତାଳେ ନୃତ୍ୟରେ ବିଭୋର ହୋଇଯାଇଥିଲେ। ତେବେ ରାତ୍ରିରେ ଶୋଭାଯାତ୍ରା ବିକାଶ ମହଲଠାରେ ପହଞ୍ଚିବ ବୋଲି ଜଣାପଡ଼ିଛି। ବିକାଶ ମହଲରେ ନିର୍ମିତ ପୂଜା ମଣ୍ଡପରେ ଦେବୀ ପାର୍ବତୀ ସଖୀମାନଙ୍କ ସହ ଭଗବାନ ଶିବଙ୍କ ଆଗମନ ପାଇଁ ଅପେକ୍ଷାରତ ଥିଲେ। ତେବେ ଆଗାମୀ ୪ ଦିନ ଧରି ବିକାଶମହଲ ପୂଜାମଣ୍ଡପରେ ଏ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆୟୋଜନ ହୋଇଥିବା ଜଣାପଡ଼ିଛି।

## ‘ମା’ମାଟି ପାଇଁ ଦିନଟିଏ’ ସମାବେଶ

ମୋରଡ଼ା,୮।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାଗଗୋବିନ୍ଦପୁର ବ୍ଲକର ସାନମାଣିଦାରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ପୁଣି ଏକ ଜନସମାବେଶ କରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବା ବେଳେ ମା’ମାଟି ପାଇଁ ଦିନଟିଏ କାର୍ଯ୍ୟକ୍ରମ କରି କୃଷ୍ଣ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମୋରଡ଼ା ନିର୍ବାଚନମଣ୍ଡଳୀର ପରିବର୍ତ୍ତନ ତାଙ୍କର ମୂଳ ଲକ୍ଷ୍ୟ ଏବଂ ମୋରଡାର ପ୍ରଗତି ପାଇଁ ସେ ଲଢ଼େଇ ଜାରି ରହିବେ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ହରିଶ ଦତ୍ତ, ମନୋଜ ଦାସ, ଅମୀର ଖାନ, ସିପୁ ମୁଦୁଲି, ଧନଞ୍ଜୟ ବେହେରା, ସପନ ଦାସ, ଗୋପୀ ଦତ୍ତ ପ୍ରମୁଖଙ୍କ ସହିତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ରାସ୍ତା କାମକୁ ନେଇ ରାସ୍ତାରୋକୋ

ଗୋପବନ୍ଧୁ ନଗର,୮।୩ (ଶାନ୍ତନୁ କୁମାର ମଲ୍ଲୁଆଳ)

ନିମ୍ନମାନର ରାସ୍ତା କାର୍ଯ୍ୟ ତଥା ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବା ପ୍ରତିବାଦରେ ଗୁରୁବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉଦଳା-ବାଲେଶ୍ୱର ପୂର୍ତ୍ତ ବିଭାଗ ରାସ୍ତା ସାଇଁକୁଳାଠାରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ।

ପଞ୍ଚପଲ୍ଲୀ କଲେଜଠାରୁ ପୂର୍ବକୁ ପ୍ରାୟ ୧ କି.ମି. ରାସ୍ତା କାର୍ଯ୍ୟ ଗତ ସେପ୍ଟେମ୍ବର ମାସରେ ଠିକାଦାର ଆରମ୍ଭ କରିଥିବା ବେଳେ ଅଦ୍ୟାବଧି ସମ୍ପୂର୍ଣ୍ଣ ନ କରି ଅଧାପନ୍ତରିଆ ଅବସ୍ଥାରେ ପକାଇ ରଖିଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ଢଳେଇ କାର୍ଯ୍ୟ ସାରି ଦେଇଥିବାରୁ ଅନ୍ୟ ପାର୍ଶ୍ୱରେ ଦୀର୍ଘ ୬ ମାସ ଧରି ନ ହୋଇ ପଡ଼ିରହିଛି। ତେବେ ଢଳେଇର ଉଚ୍ଚତା ଦେଢ ଫୁଟ ହୋଇଥିବାରୁ ଗୋଟିଏ ପାର୍ଶ୍ୱରେ ଚାରି ଚକିଆ ଯାନ ସମେତ ବାଇକ୍ ମଧ୍ୟ ଯାଉଛି। ଯାହା ଫଳରେ କେହି କାହାରିକୁ ସାଇଡ୍ ନ ଦେବାରୁ ଉଭୟ ଗାଡ଼ି ଚାଳକଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଏହି ରାସ୍ତାରେ ବୁଧବାର ରାତିରେ ସାଇଁକୁଳାସ୍ଥିତ ଭାନୁପୁର ଗ୍ରାମର ଜଣେ ଯୁବକ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଆନ୍ଦୋଳନ କରିଥିଲେ। ଖବର ପାଇ ଉଦଳା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଦାମୋଦର ପ୍ରଧାନ, ଖୁଣ୍ଟା ଥାନା ଆଇଆଇସି ସୁଜାତା ଖମାରୀ, କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗଛାୟତ, ଗୋପବନ୍ଧୁ ନଗର ବ୍ଲକ ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କସହ ଆଲୋଚନା କରିଥିଲେ। ତେବେ ଆସନ୍ତା ୨୫ ତାରିଖ ସୁଦ୍ଧା ଉକ୍ତ ରାସ୍ତା କାର୍ଯ୍ୟ ସରିବ ବୋଲି ବିଭାଗୀୟ ଅଧିକାରୀ ପ୍ରଧାନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ନ୍ୟାୟ, ସୁରକ୍ଷା ଦାବିରେ ଯୁବକଙ୍କ ଅନଶନ



ସନ୍ତୋଷଙ୍କ ସହ ପୋଲିସ ଆଲୋଚନା କରୁଛି।

କେନ୍ଦୁଝର,୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନ୍ୟାୟ ଓ ସୁରକ୍ଷା ଦାବିରେ ସନ୍ତୋଷ କୁମାର ମହାପାତ୍ର ନାମକ ଯୁବକ ଆମରଣ ଅନଶନରେ ବସିଛନ୍ତି। ଏ ନେଇ ସେ ଗତ ୨ ତାରିଖରେ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। କପି ରାଜ୍ୟପାଳ, ଏସ୍‌ପିଙ୍କୁ ଦେଇଥିଲେ। ପୂର୍ବରୁ ମଧ୍ୟ ବଡ଼ବିଲସ୍ଥିତ ଶ୍ରମ ବିଭାଗ ଦପ୍ତରରେ ଅନଶନ କରିବା ସହ ବହୁବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଲିଖିତ ଭାବେ ଜଣାଇଥିଲେ। ୨ ବର୍ଷ ବିତିଯାଇଥିଲେ ହେଁ ନ୍ୟାୟ ନ ମିଳିବାରୁ ଅନଶନରେ ବସିଥିବା କହିଛନ୍ତି।

ଅଭିଯୋଗ ମୁତାବକ, ସନ୍ତୋଷ ବଡ଼ବିଲସ୍ଥିତ କେଏନ ରାମ ଆଣ୍ଡ କମ୍ପାନୀ ଓ ଓରସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡରେ ୱାର୍କ ମ୍ୟାନ ଭାବରେ କାମ କରୁଥିଲେ। ତାଙ୍କୁ ବେଆଇନ ଭାବରେ ଚାକିରିରୁ ବହିଷ୍କାର କରାଯାଇଛି। ସେ ପାଖାପାଖି ୧.୯୮ କୋଟି ଟଙ୍କା କ୍ଷତିପୂରଣ ବାବଦକୁ ପାଇବାକୁ ଥିବା ବେଳେ ତାଙ୍କୁ ଗତ ୨୦୨୩ ମସିହା ଅଗଷ୍ଟ ମାସରେ ମାତ୍ର ୬୮ ହଜାର ଟଙ୍କା ପୈଠ କରାଯାଇଛି। ବକେୟା ଟଙ୍କା ଦେବାକୁ ଦାବି କରିଛନ୍ତି। କେନ୍ଦ୍ର ଶ୍ରମ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା କହିଛନ୍ତି। ସେହିପରି ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଲୋଡ଼ିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଛୁଟି ଥିବାରୁ ପ୍ରଶାସନ ପକ୍ଷରୁ କେହି ଆଲୋଚନା କରିବାକୁ ଆସି ନ ଥିଲେ। ଟାଉନ ଥାନା ଅଧିକାରୀ ରମାକାନ୍ତ ସଏ ପହଞ୍ଚି ତାଙ୍କ ସହିତ ଆଲୋଚନା କରିଥିଲେ।

## ଆନନ୍ଦପୁର ଆମ ହସ୍ପିଟାଲ ଶୌଚାଳୟରେ ତାଲା

**ବାହାରେ ପରିସ୍ରା କରୁଛନ୍ତି ରୋଗୀଙ୍କ ସମ୍ପର୍କୀୟ**

ଆନନ୍ଦପୁର,୮।୩(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଆମ ହସ୍ପିଟାଲ ରୂପାନ୍ତରିତ କାର୍ଯ୍ୟ ଫେବୃଆରୀ ୧୭ ରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଶକ୍ତି କାଫେ ଓ ପରିସରରେ ଥିବା ୨ଟି ଶୌଚାଳୟ ମଧ୍ୟ ଲୋକାର୍ପିତ ହୋଇଥିଲା। ମାତ୍ର ଉକ୍ତ ଦିନଠାରୁ ଶୌଚାଳୟଗୁଡ଼ିକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ପୁରୁଷ ବିଭାଗରେ ଲାଗି ରହିଥିବା ଶୌଚାଳୟଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ମେଡିକାଲ ପରିସରରେ ପରିସ୍ରା କରୁଥିବା ଦେଖାଯାଉଛି। ଅନ୍ୟପକ୍ଷେ କାୟାକଳ୍ପ ଟିମ୍ ଗସ୍ତ ସମୟରେ ସବୁ ଠିକ୍ ଥିବା ବେଳେ ପରବର୍ତ୍ତୀ ସମୟରେ ତାଲା ପଡ଼ିବା ସହ ଅନ୍ୟାନ୍ୟ ସମସ୍ୟା ଦେଖାଯାଇଛି। ଏ ନେଇ ଆନନ୍ଦପୁର ପ୍ରେସ ଫୋରମ ପକ୍ଷରୁ ଚିକିତ୍ସାଳୟର ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ଏନେଇ ମାର୍ଚ୍ଚ ୭ ରିଖ ଦିନ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଆନନ୍ଦପୁର ପ୍ରେସ ଫୋରମର ସଭାପତିଙ୍କୁ ନେଇ ଏକ ବୈଠକ ଡାକିଥିଲେ। ମାତ୍ର ଫୋରମର କର୍ମକର୍ତ୍ତାଙ୍କୁ ବୈଠକରେ ବସିବାକୁ ଅନୁମତି ଦିଆ ନ ଯିବାରୁ ଗଣମାଧ୍ୟମ ପ୍ରତିନିଧିମାନେ ବୈଠକକୁ ପ୍ରତ୍ୟାଖାନ କରିଥିଲେ। ଆନନ୍ଦପୁର ଚିକିତ୍ସାଳୟର ସୁପାରିଣ୍ଟେଣ୍ଡେଣ୍ଟ ଡ. ଧନେଶ୍ୱର ସେଠୀ କହିଛନ୍ତି, ଠିକାଦାର ଶକ୍ତି କାଫେ ଓ ଶୌଚାଳୟଟିକୁ ଚିକିତ୍ସାଳୟର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରି ନ ଥିବାରୁ ଖୋଲାଯାଇପାରୁନାହିଁ। ଏ ସମ୍ବନ୍ଧରେ ଠିକାଦାରଙ୍କୁ ଚିଠି କରାଯାଇଛି ବୋଲି କହିଥିଲେ।

## ଭୋର ୪ଟା ୧୫ରେ ଉଠିଲା ମହାଦୀପ



**ଜାଗର ଜାଳିଲେ ଲକ୍ଷାଧିକ ଶ୍ରଦ୍ଧାଳୁ**

ଭୋଗରାଇ, ୮। ୩ (ପ୍ରଦୀପ ଦାସ)

ମହାଶିବ ରାତ୍ରିରେ ସମସ୍ତ ଶୈବପୀଠ ହୋଇଛି ଭକ୍ତମୟ। ସବୁଠି ଓଁ ନମଃ ଶିବାୟରେ ପ୍ରକମ୍ପିତ ହେଉଛି ମହାଦେବ ମନ୍ଦିର । ଏଭଳି ସ୍ଥିତିରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମନ୍ଦିର ସମେତ ବାଲେଶ୍ୱର ଜିଲାର ସମସ୍ତ ଶୈବପୀଠରେ ଶୈବଭକ୍ତଙ୍କ ଗହଳି ଲାଗିଥିଲା। ଭୋଗରାଇ ସୀମାନ୍ତ ହୁଗୁଳି ଗ୍ରାମର କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ଓ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱସ୍ଥ ବିଶାଳକାୟ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଶୈବଭକ୍ତଙ୍କ ପୂଜାର୍ଚ୍ଚନା, ଜଳାଭିଷେକ, ନୀତିକାନ୍ତ ପୂଜାପାଠ, ରୁଦ୍ରାଭିଷେକରେ ସମଗ୍ର ଅଞ୍ଚଳ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତଙ୍କ ପ୍ରବଳ ଭିଡରେ ସେବାୟତ ଓ ପୋଲିସ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଭୋର ୪ଟା ୧୫ରେ ମହାଦୀପ ଉଠିବା ପରେ ବ୍ରତଚାରୀମାନେ ମହାଦେବଙ୍କ ପଞ୍ଚାମୃତ ପାନ କରି ବ୍ରତ ଶେଷ କରିଥିଲେ। ମହାଶିବ ରାତ୍ରିରେ ମହାଦେବଙ୍କଠାରେ ଧାର୍ମିକ ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶୌଚାଗାର ପ୍ରତି ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ଚନ୍ଦନେଶ୍ୱରରେ ୩ ପ୍ଲାଟୁନ ଓ ଭୂଷଣ୍ଡେଶ୍ୱର ମନ୍ଦିରରେ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବା ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ ସୂଚନା ଦେଇଥିଲେ।

## ‘ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଯତ୍ନଶୀଳ ହୁଅ’

**ଟିପିଏନଓଡିଏଲ ପକ୍ଷରୁ ‘ଫେମେ ଫିଏଷ୍ଟା’**

ବାଲେଶ୍ୱର, ୮।୩(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଫେମେ ଫିଏଷ୍ଟା’ ଅନୁଷ୍ଠିତ ହୋଇଛି। ମହିଳା ଉପଭୋକ୍ତାଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଟିପିଏନଓଡିଏଲ୍ ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇବା ପାଇଁ ଏହାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସକ ଯୋଗଦେଇ ସାମ୍ପ୍ରତିକ ସମାଜରେ ମହିଳା ସଶକ୍ତିକରଣ କେବଳ ନାରା ନୁହେଁ, ଏହା ବାସ୍ତବରେ ପ୍ରତିଫଳିତ। ସେମାନେ ପୁରୁଷଙ୍କ ସହ ସମକକ୍ଷ। ସେମାନେ ସ୍ୱାବଲମ୍ବୀ, ତଥାପି କିଛି ଅଞ୍ଚଳରେ ତ୍ରୁଟିବିଚ୍ୟୁତି ରହିଛି। ତେଣୁ ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଆମେ ସମସ୍ତେ ସର୍ବଦା ଯତ୍ନଶୀଳ ହେବା ଆବଶ୍ୟକ ବୋଲି କହିଥିଲେ। ଚିଫ କମର୍ସିଆଲ ଓ ସିଏସଆର୍ ପର୍ବିନ୍ ବର୍ମା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହିଳା ଉପଭୋକ୍ତାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେମାନଙ୍କ ସୃଜନଶୀଳତା ବିକାଶ ପାଇଁ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ସେହିପରି ଟିପିଏନଓଡିଏଲର ମହିଳା କର୍ମଚାରୀଙ୍କୁ ନେଇ ମଧ୍ୟ ମହିଳା ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ସେମାନଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା।



ଟିପିଏନଓଡିଏଲର ‘ଫେମେ ଫିଏଷ୍ଟା’ କାର୍ଯ୍ୟକ୍ରମ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ

ବାଲେଶ୍ୱର, ୮।୩(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କୁଳସଚିବ କୁଙ୍କୁମୀନା ଦାସ ଉପସ୍ଥିତ ଥିଲେ। ଏଥିସହ ଆମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଫକୀରମୋହନ ମେଡିକାଲ କଲେଜର କୁଳସଚିବ ମନୋରମା ଭୂୟାଁ, ଆଇଏମ୍‌ଆଇ- ଭୁବନେଶ୍ୱରର ପ୍ରଫେସର ଡ. ସୁପ୍ରିତୀ ମିଶ୍ର, ହରି ଗ୍ରୁପ୍ ଅଫ କମ୍ପାନୀର ନିର୍ଦ୍ଦେଶିକା ଅଲିଭା ଦାସ, ଇସିପି ଇଣ୍ଡଷ୍ଟ୍ରିଜ ଓ ଗ୍ଲେଜ୍ ଗ୍ରୁପର ନିର୍ଦ୍ଦେଶିକା ସୁପ୍ରୀତି ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଚଳିତବର୍ଷ ଆନ୍ତର୍ଜାତୀୟ




ଅତିଥିଙ୍କ ଗହଣରେ ଛାତ୍ରୀମାନେ।

ମହିଳା ଦିବସ ୨୦୨୪ର ବିଷୟବସ୍ତୁ ‘ଇନଭେଷ୍ଟ ଇନ୍ ଓମେନ : ଆକ୍ସିଲରେଟ ପ୍ରୋଗ୍ରେସ ’(ମହିଳାମାନଙ୍କଠାରେ ବିନିଯୋଗ: ତ୍ୱରାନ୍ୱିତ ପ୍ରଗତି) ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜର ଉଦ୍‌ବୋଧନରେ ଉଲ୍ଲେଖ କରିଥିଲେ।

ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ସମସ୍ତ ମହିଳା ସହକର୍ମୀ, କର୍ମଚାରୀ ଓ ଛାତ୍ରୀଙ୍କୁ ବିଶେଷ ସମ୍ମାନସ୍ୱଦ ବାର୍ତ୍ତା ପ୍ରଦାନ କରିଥିଲେ। ମହିଳା ସୁରକ୍ଷା, ସଶକ୍ତୀକରଣ ଓ ସମୃଦ୍ଧିର ଏକ ନୂତନ ଭାବଧାରା ସୃଷ୍ଟି ଓ ସମ୍ପୂର୍ଣ୍ଣ ଦିଗରେ ସମାଜ ସଚେତନ ହେଉଛି। ଏଥିନେଇ ସମସ୍ତେ ଆତ୍ମବିଶ୍ୱାସର ସହ ଆଗେଇଯିବା ପାଇଁ ଉତ୍ସାହିତ କରିଥିଲେ। ପ୍ରଫେସର ଡ. ସୁପ୍ରିତୀ ମିଶ୍ର, ମହିଳାଙ୍କୁ ନିଜର ସ୍ୱତନ୍ତ୍ର ପରିଚୟ ଗଠନ ଓ ସମସାମୟିକ ଜୀବନରେ ନିଜର ସଶକ୍ତିକରଣ ଦାୟିତ୍ୱ ନେବା ଆବଶ୍ୟକ ବୋଲି ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ମହିଳା ଶକ୍ତିର ପ୍ରତୀକ, ଏହି ବାର୍ତ୍ତା ନେଇ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଜିନା ପ୍ରିୟଙ୍କା, ରଶ୍ମିରେଖା ରାଉତଙ୍କ ନେତୃତ୍ୱରେ ଛାତ୍ରୀମାନଙ୍କ ସହ ଏକ ସଂଗଠିତ ବାଇକ ରାଲି ଆୟୋଜନ ହୋଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଓ ଅଣଶିକ୍ଷକ ମହିଳା କର୍ମଚାରୀଙ୍କ ପ୍ରଯୋଜିତ ଓଡ଼ିଶୀନୃତ୍ୟ, ସଙ୍ଗୀତ, କ୍ଷୁଦ୍ର ନାଟକ, କ୍ଷୁଦ୍ରଗଳ୍ପ ପଠନ, ନାଚ, ଫ୍ୟାଶନ ସୋ ଆଦି ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ, ଅଣଶିକ୍ଷକ କର୍ମଚାରୀଙ୍କ ସହ ଛାତ୍ରୀଛାତ୍ରମାନଙ୍କର ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ସଦିଚ୍ଛା
ପରିବାରବର୍ଗ


ଲିଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଫାଇଦା ଖୋଜୁଛି କଂଗ୍ରେସ

**ଭୁବନେଶ୍ୱର,୮।୩(ଅନିଲ ଦାସ):** ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ଚର୍ଚ୍ଚା ହେବା ଦିନରୁ କଂଗ୍ରେସ ଶିବିର ଉତ୍ସାହିତ। ମନ ଉଣା କରି ବସିଥିବା ନେତାମାନେ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଲେଣି। ମେଣ୍ଟକୁ ଏକ ମଉକା ଭାବି ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାକୁ ନେତାଙ୍କ ମଧ୍ୟରେ ଦୌଡ଼ ଆରମ୍ଭ ହେଲାଣି। ଗତ ଦୁଇ ତିନି ଦିନ ହେବ କଂଗ୍ରେସ ଭବନରେ ନେତାଙ୍କ ଭିଡ଼ରୁ ଏଭଳି ସଙ୍କେତ ମିଳିଲାଣି। ଯଦି ମେଣ୍ଟ ହୁଏ ତେବେ ବିଜେଡି-ଭାଜପାରୁ ମୁହଁ ଫେରାଉଥିବା ଭୋଟରଙ୍କ କୃପାଦୃଷ୍ଟି କଂଗ୍ରେସ ଉପରେ ପଡ଼ିବା ନେଇ ନେତାମାନେ ଆଶାବାଦୀ। ମେଣ୍ଟ ହେଲେ ସେଇ ଗୋଳିଆ ପାଣିରୁ କଂଗ୍ରେସ ଫାଇଦା ନେବ ବୋଲି ଏହାର ନେତା ଓ କର୍ମୀମାନେ ଅନାଇ ରହିଛନ୍ତି।

# ମେଣ୍ଟ ଚର୍ଚ୍ଚା ଭିତରେ ୨ ସାମଲ

**ବନ୍ତ,୮।୩(ହରି ନାରାୟଣ ମହାନ୍ତି)**


ପ୍ରଫୁଲ୍ଲ ସାମଲ


ମନମୋହନ ସାମଲ

ରାଜ୍ୟରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ନେଇ ଚାରିଆଡ଼େ ଚର୍ଚ୍ଚା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଯଦି ମେଣ୍ଟ ହୁଏ, ତେବେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନ କାହା ଭାଗରେ ପଡ଼ିବ ଓ କିଏ ପ୍ରାର୍ଥୀ ହେବେ ସେନେଇ ନେତାମାନେ ଚିନ୍ତିତ ଥିବା ବେଳେ କର୍ମୀମାନେ ଅନାଇ ରହିଛନ୍ତି। ଏପରିକି ବିଜେଡିରୁ ପ୍ରଫୁଲ୍ଲ ସାମଲ ଓ ଭାଜପାରୁ ମନମୋହନ ସାମଲଙ୍କ କଥା ମଧ୍ୟ ଉଠିଲାଣି।

୨୦୦୦ ଓ ୨୦୦୪ ବିଧାନସଭା ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହୋଇଥିଲା। ସେହି ଅନୁଯାୟୀ ଭଣ୍ଡାରିପୋଖରୀ ଆସନ ବିଜେଡି ହାତରେ ରହିଥିଲା । ୨୦୦୦ ନିର୍ବାଚନରେ ମେଣ୍ଟ ପ୍ରାର୍ଥୀ ବିଜେଡିର ରଥ ଦାସ ନିର୍ବାଚନ ଲଢ଼ି ୫୯ ହଜାର ୪ ଶହ ୪୧ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ କୁମାରଶ୍ରୀ ଚିରଞ୍ଜୀବ୍ ୩୯ ହଜାର ୭ ଶହ ୮୯ ଭୋଟ ପାଇ ପରାଜିତ ହୋଇଥିଲେ। ୨୦୦୪ ନିର୍ବାଚନରେ ମେଣ୍ଟ ପ୍ରାର୍ଥୀ ବିଜେଡିର ରଥ ଦାସ ନିର୍ବାଚନ ଲଢ଼ି ୫୯ ହଜାର ୬ ଶହ ୭୫ ଭୋଟ ପାଇ ପରାଜିତ ହୋଇଥିଲେ । ସେତେବେଳେ କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ୬୧ ହଜାର ୨ ଶହ ୨୧ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୦୯ରୁ ଅଦ୍ୟାବଧି ସେଠାରେ ବିଜେଡିର ପ୍ରଫୁଲ୍ଲ ସାମଲ ବିଧାୟକ ରହିଆସିଛନ୍ତି। ଦେଖିବାକୁ ଗଲେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ନିର୍ବାଚନରେ ମେଣ୍ଟ ଥରେ, ବିଜେଡି ୩ଥର ଓ କଂଗ୍ରେସ ଥରେ ଜିତିଛି । ଗତ କିଛି ଦିନ ତଳେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡି ଚଢ଼ାଉ ହେବା ପରଠାରୁ କର୍ମୀଙ୍କ ମହଲରେ ଉତ୍ସାହ ହ୍ରାସ ପାଇଥିବା ଦେଖାଯାଇଛି। ପ୍ରଫୁଲ୍ଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କ ମଧ୍ୟରେ କିଏ ଟିକେଟ ପାଇବେ ସେନେଇ କର୍ମୀମାନେ ଚିନ୍ତାରେ ରହିଥିଲେ। ଏବେ ମେଣ୍ଟ ରାଜନୀତି କର୍ମୀମାନଙ୍କୁ ଆହୁରି ଅଡୁଆରେ ପକାଇଛି।

**ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ**

ଏହି ଆସନ ବିଜେଡି ନେବ ନା ଭାଜପା ଭାଗରେ ପଡ଼ିବ, ସେନେଇ କୌଣସି ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ କର୍ମୀମାନେ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ଘୋଷଣାକୁ ଅପେକ୍ଷା କରିଛନ୍ତି । ଅପରପକ୍ଷେ ମେଣ୍ଟ ହେଲେ ଏହି ଆସନ ଭାଜପା ଭାଗରେ ପଡ଼ିବ ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏଠାରୁ ନିର୍ବାଚନ ଲଢ଼ିବେ ବୋଲି ଦଳୀୟ କର୍ମୀ ଆଲୋଚନା କରୁଛନ୍ତି। କାରଣ ୨୦୦୯ ନିର୍ବାଚନରେ ମନମୋହନ ସାମଲ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରି ୨୧ ହଜାର ୧୬୦ ଭୋଟ ପାଇ ୩ୟ ସ୍ଥାନରେ ଥିଲେ । ସେହି ନିର୍ବାଚନ ପରଠାରୁ ଭାଜପା ଏହି ଆସନରେ ନିଜର ସ୍ଥିତିକୁ ସୁଦୃଢ଼ କରି ପାରିଛି। ଭାଜପା ପ୍ରାର୍ଥୀ ବଦ୍ରି ନାରାୟଣ ଧଳ ୨୦୧୪ ନିର୍ବାଚନରେ ୨୮ ହଜାର ୮୦୯ ଏବଂ ୨୦୧୯ ନିର୍ବାଚନରେ ୩୯ ହଜାର ୧୪୧ ଭୋଟ ପାଇ ୩ୟ ସ୍ଥାନରେ ରହିଥିଲେ।

## ପ୍ରଶ୍ନବାଚୀରେ ବିଜୟଙ୍କ ଦକ୍ଷତା

**ସମରେଶ ପଟ୍ଟନାୟକ**

ବିଜେଡିର ପ୍ରତିଷ୍ଠାତା ସଦସ୍ୟ ତଥା ଭାଜପାର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ଗୁରୁବାର ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ନବୀନ ତାଙ୍କୁ କେନ୍ଦ୍ରାପଡ଼ା ଜିଲା କଥା ବୁଝିବାକୁ କହି ଆଶୀର୍ବାଦ ଦେଇଥିଲେ। ଏହି ବିଷୟ ତୁମ ବାପାଙ୍କୁ ଜଣାଇଦେବ ବୋଲି କହିଥିଲେ। ଏହି ସମାନ ଦିନରେ ବିଜେଡି-ଭାଜପା ମେଣ୍ଟ ସଂକ୍ରାନ୍ତୀୟ ଆଲୋଚନା ଶୀର୍ଷ ଛୁଇଁଥିଲା। ସନ୍ଧ୍ୟାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଦିଲ୍ଲୀ ଗସ୍ତ କରିଥିଲେ। ଆସନ ବୁଝାମଣା ନେଇ ନବୀନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ଭାଜପାର ରାଷ୍ଟ୍ରୀୟ ନେତାଙ୍କ ସହ ଆଲୋଚନା କରାଯାଇଥିବା କୁହାଯାଉଛି।

ଏଭଳି ପ୍ରଚ୍ଛଦପଟରେ ଦୁଇ ଦଳ ମଧ୍ୟରେ ୧୯୯୮ରେ ହୋଇଥିବା ମେଣ୍ଟ କଥା ମନେପଡ଼େ। ସେତେବେଳେ ବିଜୟ ମହାପାତ୍ର ଓ ଭାଜପାର ତତ୍କାଳୀନ ବରିଷ୍ଠ ନେତା ସ୍ୱର୍ଗତ ପ୍ରମୋଦ ମହାଜନଙ୍କ ମଧ୍ୟରେ ଆଲୋଚନା ହେବା ପରେ ମେଣ୍ଟ ଚୁକ୍ତି ହୋଇଥିଲା। ମେଣ୍ଟ ୧୯୯୮, ୧୯୯୯ ଓ ୨୦୦୪ ଲୋକ ସଭା ନିର୍ବାଚନରେ ଅଧିକ ଆସନ ପାଇଥିବା ବେଳେ ୨୦୦୦ ଓ ୨୦୦୪ ଓଡ଼ିଶା ବିଧାନସଭା ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା। ଏବେ ବିଜେଡିରେ ଅରବିନ୍ଦ ଯୋଗଦେବା ପରେ ପାଣ୍ଡିଆନ ୧୯୯୮ ମେଣ୍ଟ ସମୟର ବିଜୟ ମହାପାତ୍ରଙ୍କ ଅଭିଜ୍ଞତାକୁ ଉପଯୋଗ କରି ଆସନ ଭାଗବଣ୍ଟା କରିବାକୁ ସୁଯୋଗ ପାଇବେ ବୋଲି ଚର୍ଚ୍ଚା ହେଲାଣି।

ପ୍ରକାଶଯୋଗ୍ୟ ଯେ, ପୁଅମୁହଁରୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ପରେ ବିଜୟ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ରାଜନୈତିକ ସମୀକ୍ଷକଙ୍କ କହିବା ଅନୁଯାୟୀ ଏଠାରେ ସମସ୍ୟାଟି ହେଉଛି ଯେ, ୧୯୯୮ ବେଳେ ବିଜୟ ମହାପାତ୍ରଙ୍କ ଓଡ଼ିଶା ଉପରେ ଯେଉଁ ଅଭିଜ୍ଞତା ଥିଲା, ତାହା ଏହି ୨୪ ବର୍ଷରୁ ଅଧିକ ସମୟ ଭିତରେ ନିଶ୍ଚିତ ଭାବେ ହ୍ରାସ ପାଇଯାଇଛି। କାରଣ ବିଜୟଙ୍କ ରାଜନୈତିକ ଜୀବନ ସମ୍ପୂର୍ଣ୍ଣ ଭାବେ ଚନ୍ଦ୍ରଗ୍ରହଣ ଭଳି ଅନ୍ଧକାର ହୋଇଯାଇଛି। ତାଙ୍କ ବୁଦ୍ଧିରେ ଯାଇ ପାଣ୍ଡିଆନ କେତେଦୂର ପର୍ଯ୍ୟନ୍ତ ବିଜେଡିର ସ୍ୱାର୍ଥରକ୍ଷା କରିପାରିବେ ତାହା ନିକଟ ଭବିଷ୍ୟତରେ ଜଣାପଡ଼ିବ। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ଦିଲ୍ଲୀରୁ ଆସିବା ପରେ କହିଛନ୍ତି, ମେଣ୍ଟ ନେଇ ଆଲୋଚନା ହୋଇନି ଓ ଭାଜପା ଏକା ଲଢ଼ିବ। ଆଗକୁ କ'ଣ ହେଉଛି ତା' ଉପରେ ଏବେ ସମସ୍ତଙ୍କ ନଜର।

## ଭାଜପା, ଟିଡିପି, ଜନସେନା ଆସନ ବୁଝାମଣା ଚୂଡ଼ାନ୍ତ

**ନୂଆଦିଲ୍ଲୀ,୮।୩:** ଆନ୍ଧ୍ର ପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ଅଭିନେତାରୁ ରାଜନେତା ସାଜିଥିବା ପବନ କଲ୍ୟାଣଙ୍କ ଜନସେନା ସହ ଭାଜପା ମେଣ୍ଟ କରିବ। ଏନେଇ ଶୁକ୍ରବାର ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଲୋକ ସଭା ନିର୍ବାଚନ ସହ ହେବାକୁ ଥିବା ଆନ୍ଧ୍ର ବିଧାନସଭା ନିର୍ବାଚନ ପାଇଁ ଏହି ବୁଝାମଣା ହୋଇଥିବା କୁହାଯାଉଛି। ତଦନୁଯାୟୀ ରାଜ୍ୟର ୬ରୁ ୮ ଲୋକ ସଭା ଏବଂ ୧୦ରୁ ୧୨ ବିଧାନସଭା ଆସନରେ ଭାଜପା ଲଢ଼ିବ। ସେହିପରି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ଥିବା ଜନସେନା ୩ ଲୋକ ସଭା ଓ ୨୪ ବିଧାନସଭା ଆସନରେ ଲଢ଼ିବାକୁ ଥିବାବେଳେ ଅବଶିଷ୍ଟ ଆସନରେ ଟିଡିପି ପ୍ରାର୍ଥୀ ଦେବ। ଶୁକ୍ରବାର ନୂଆଦିଲ୍ଲୀରେ ଭାଜପା ଓ ଟିଡିପି ମଧ୍ୟରେ ଆଲୋଚନାରୁ ଏହା ଜଣାପଡ଼ିଛି।

## ବିଜେଡି ଛାଡ଼ିଲେ ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ


ସୁଦର୍ଶନ ଜେନା

**ବାଲେଶ୍ୱର(ମାନସ ବିଶ୍ୱାଳ)/ରେମୁଣା(ରବୀନ୍ଦ୍ର ମହାକୁଡ),୮।୩:** ବାଲେଶ୍ୱର ଜିଲା ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଶୁକ୍ରବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବାଲେଶ୍ୱର ସହର ଉପକଣ୍ଠ ସରସ୍ୱତୀପୁରସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ସୁଦର୍ଶନ କହିଛନ୍ତି, ତାଙ୍କୁ ଦଳରେ ଅଣଦେଖା କରାଯାଇଥିଲା। କେତେଜଣ କୁଚକ୍ରି ଗୋଷ୍ଠୀଙ୍କ କଥାରେ ପରିଚାଳିତ ହୋଇ ଦଳର ଶୀର୍ଷ ନେତୃତ୍ୱ ତାଙ୍କୁ ଆଗଭଳି ଆଉ ଗୁରୁତ୍ୱ ଦେଇ ନ ଥିଲେ। କ୍ଷମତା ନିଶାରେ ଭାଜପା ଭଳି ଏକ ସାମ୍ପ୍ରଦାୟିକତାରେ ବିଶ୍ୱାସ କରୁଥିବା ଦଳ ସହ ବିଜେଡି ପୁଣିଥରେ ମେଣ୍ଟ କରିବାକୁ ଅଣ୍ଟା ଭିଡ଼ିବା ତାଙ୍କୁ ବ୍ୟଥିତ କରିଛି। ଏସବୁ କାରଣ ପାଇଁ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ରେମୁଣାବାସୀଙ୍କ ସେବା ପାଇଁ ଖୁବଶୀଘ୍ର ଧର୍ମନିରପେକ୍ଷତାରେ ବିଶ୍ୱାସ ରଖିଥିବା ଏକ ଜାତୀୟ ଦଳରେ ସେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୯ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**




**ପୁନ୍ୟପ୍ରଭା (ଲିଜା)**

ଜନ୍ମଦିନର ଅଭିନନ୍ଦନ। ବାପା, ମମି, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଅଜା, ଆଈ, ମାଉସୀ, ମଉସା, ବୋଉ, ବାପାଙ୍କ ତରଫରୁ ଶ୍ରୀଜଗନ୍ନାଥ ଓ ସାଇନାଥଙ୍କ ପାଖରେ ପ୍ରାର୍ଥନା କରୁ କି ଲିଜାର ଚଲାପଥ କୁସୁମିତ ହେଉ, ସପରିବାର ତରଫରୁ ଅଶେଷ, ଅଶେଷ ଶୁଭେଚ୍ଛା ଓ ଶୁଭ କାମନା ।

ଧ-୨୭୦୩

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
**ADMISSION OPEN NOW**
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
**8926232634**
**9827166018**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
**0674-2580101, 2549949**


**REAL ESTATE**
**SALE**

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

**Mega residential plotting project Balakati, Uttara, Price 2099/sqft. 8270370007.** D-2712

Gharabari plot sale Bhubaneswar- Sundarpada Xavier University with boundarywall. 6372670155. D-75922

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706


**CONSTRUCTION**

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**GENERAL**
**SALE**

ଗାଈ ଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675




**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

**Body massage by experience good looking therapist @ 999/- (Bhubaneswar). 9078484455.** D-2688

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**LOST**

ମୁଁ ବିଭିଷଣ ସରାଫ, ପିତା- ହରିହର ସରାଫ, ବୟସ-୫୦, ଗ୍ରାମ- ବିରିପାଲି, ଥାନା- ବଙ୍ଗୋମୁଣ୍ଡା, ଜିଲ୍ଲା- ବଲାଙ୍ଗୀର (ଓଡ଼ିଶା)। ଘୋଷଣା କରୁଅଛି ଯେ, ମୋର ଖତିୟାନ ନମ୍ବର- ୧୪୭/୨୦୦, ପ୍ଲଟ୍ ନମ୍ବର- ୨୪୨/୧୦୦୫, ମୌଜା- ବିରିପାଲି ଅଧୀନରେ ଥିବା 0.12Dec. କ୍ଷେତ୍ର ଜମିର ବିକ୍ରୟ କାରବାର ନମ୍ବର- ୩୬୬/୨୦୦୮ ବିରିପାଲିରୁ ବଙ୍ଗୋମୁଣ୍ଡା ଯାତ୍ରା ସମୟରେ ହରାଇଛି। ମୁଁ ବଙ୍ଗୋମୁଣ୍ଡା ଥାନାରେ G.D. No.-15 date 30.06.2022 ଦାଖଲ କରିସାରିଛି। ମୁଁ SBI ଖଡ଼ିଆଳ Azad Chowk main Branchରେ ଏକ ଗୃହ ଋଣ ଆବେଦନ କରିଛି, ଯେଉଁଠାରେ ଖତିୟାନ ନମ୍ବର- ୧୪୭/୨୦୦, ପ୍ଲଟ୍ ନମ୍ବର- ୨୪୨/୧୦୦୫, ମୌଜା- ବିରିପାଲି ଅଧୀନରେ ଥିବା 0.12Dec. କ୍ଷେତ୍ର ଜମିର ବିକ୍ରୟ କାରବାର ନମ୍ବର- ୩୬୬/୨୦୦୮ Certified Copy ଉପରେ ବନ୍ଧକ ସୃଷ୍ଟି ହେବା ପାଇଁ ଆବଶ୍ୟକ। ଧ-୨୭୧୦

ଢେଙ୍କାନାଳ ସହର ମଧ୍ୟରେ ଅଟୋରେ ଯିବା ସମୟରେ ମୋର ଭ୍ୟାନିଟି ବ୍ୟାଗ୍‌ରେ ଥିବା ମନିପର୍ସ ଏବଂ ସେଥିରେ ଥିବା ATM, Voter ID, PAN Card, SBI Health Insurance ଏବଂ କିଛି ଜରୁରୀ document କେଉଁଠାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ନିକଟସ୍ଥ ଟାଉନ୍‌ଥାନା କିମ୍ବା Mob- 9861427539, ଜ୍ୟୋତିର୍ମୟୀ ନାଥ, ପ୍ରାକ୍ତନ ଉପଗୋଷ୍ଠୀ ଶିକ୍ଷା ଅଧିକାରୀ, ଗଁଦିଆ, ଢେଙ୍କାନାଳକୁ ଜଣାଇବାକୁ ଅନୁରୋଧ। ପାଇଥିବା ବ୍ୟକ୍ତିଙ୍କୁ ସର୍ବ ସମ୍ମୁଖରେ ପୁରସ୍କାର ଦିଆଯିବ। ଧ-୭୫୪୨୫

**AFFIDAVIT**

I, Madhusmita Malik, D/o- Gobinda Mallik, resident of Village- Deulkur, P.O./ P.S.- Badachana, Dist.- Jajpur, Odisha declare by this affidavit No.- 1222, dtd. 07.03.2024 that now onwards I shall be known as MADHUSMITA MALLIK for all future purposes. D-2708

I, Bhimasen Malik, S/o- Kulamani Mallik, resident of Village- Deulkur, P.O./ P.S.- Badachana, Dist.- Jajpur, Odisha declare by this affidavit No.- 1221, dtd. 07.03.2024 that now onwards I shall be known as BHIMSEN MALLIK for all future purposes. D-2709

I, Ajaya Kumar Malik, S/o- Bhimsen Mallik resident of Village- Deulkur, P.O./ P.S.- Badachana, Dist.- Jajpur, Odisha declare by this affidavit No.- 1220 dtd. 07.03.2024 that now onwards I shall be known as AJAYA KUMAR MALLIK for all future purposes. D-2707

By virtue of an affidavit No.- 1916 dated 07.03.2024, sworn before Executive Magistrate, Bhadrak. My actual name is Chinmayee Sahoo(33), D/o- Ghanashyam Sahoo, Vill- Mirjapur, P.O.- Guagadia, P.S.- Basudevpur, Dist.- Bhadrak, PIN- 756124. But my name is mentioned Chinmayi Biswal, W/o- Chandrakanta Biswal, Vill- Nandor, P.O.- Gandibed, P.S.- Khaira, Dist.- Baleswar, PIN- 756048 in my Aadhaar Card bearing No.- XXXX XXXX 0796. Hence I declare that correction my name and address in my Aadhaar Chinmayi Biswal to Chinmayee Sahoo according my Educational Certificate and other documents. D-2711

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସାଇବାଣୀ ପାତ୍ର**

ଭାଲିଆଡ଼ିହି, ଗୋଡ଼ିପଡ଼ା, ନୟାଗଡ଼
ଆବିର୍ଭାବ- ୧୮।୦୮।୧୯୨୮
ତିରୋଧାନ- ୨୭।୦୨।୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ଆକୁଳ ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ ।

ଧ-୨୭୧୩

**୨ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଓବୁଧିନାଥ ସାହୁ**

ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୫।୧୯୩୪
ତିରୋଧାନ: ୦୧।୦୩।୨୦୨୨

ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ ଏହା ହିଁ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।

କୁସୁମାଞ୍ଜଳି ସହ: ହତଭାଗିନୀ ସ୍ତ୍ରୀ- ଉଲ୍ଲାସ, ପୁତ୍ର: ରବୀନ୍ଦ୍ର, ବଧୂ: ଚଞ୍ଚଳା, ବନ୍ଧୁ ଓ ଶୋକସନ୍ତପ୍ତ ସାହୁ ପରିବାରବର୍ଗ ।

ଧ-୬୦୯୭୯

# ପ୍ରେମିକଙ୍କୁ ନେଇ ଶାଶୁଘର ଯିବି

## କନ୍ୟାଙ୍କ ଅଜବ ସର୍ତ୍ତ



ଆପଣ ନିଶ୍ଚିତ ଭାବରେ ଧ୍ୟାନ ଦେଇଥିବେ, ଯେତେବେଳେ ଏକ ବିବାହ ସ୍ଥିର ହୁଏ, ସେତେବେଳେ ବିଭିନ୍ନ ସର୍ତ୍ତ ରଖାଯାଇଥାଏ। ସମସ୍ତ ବିଷୟ ଉଭୟ ପରିବାର ଦ୍ୱାରା ସ୍ଥିର ହୋଇଥାଏ। ପ୍ରାୟତଃ ପୁଅଙ୍କ ପରିବାର ପକ୍ଷରୁ ଅଧିକ ସର୍ତ୍ତ ଉପସ୍ଥାପନ କରାଯାଇଥାଏ। ହେଲେ ଏଠାରେ ଏମିତି ଜଣେ କନ୍ୟାଙ୍କ ବିଷୟରେ କୁହାଯାଇଛି, ଯିଏ କି ବିବାହ ପୂର୍ବରୁ ତାଙ୍କ ବରଙ୍କୁ ସ୍ପଷ୍ଟ କରିଦେଇଥିଲେ ଯେ, ଯଦି ସେ ତାଙ୍କ ଶାଶୁଘରକୁ ଆସିବେ, ତେବେ ପୂର୍ବ ପ୍ରେମିକ ମଧ୍ୟ ତାଙ୍କ ସହିତ ଆସିବେ। ଆଶ୍ଚର୍ଯ୍ୟଜନକ କଥା ହେଉଛି ବର ମଧ୍ୟ ଏଥିରେ ରାଜି ହୋଇଥିଲେ। ଏହି ବିଷୟଟି ଅତ୍ୟନ୍ତ ସମ୍ବେଦନଶୀଳ। ସମ୍ପୂର୍ଣ୍ଣ ଖବରଟି ଶୁଣିବା ପରେ ଆପଣ ବର ଅପେକ୍ଷା କନ୍ୟାଙ୍କୁ ଅଧିକ ପ୍ରଶଂସା କରିବେ, ଯିଏ ତାଙ୍କ ପୂର୍ବ ପ୍ରେମିକଙ୍କ ହାତ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ଏହି କାହାଣୀ କ୍ରିସ ନାମକ ଜଣେ ଯୁବତୀଙ୍କ କ୍ଷେତ୍ରରେ ଘଟିଛି। ତାଙ୍କୁ ୩୮ ବର୍ଷ। ସେ ୩୬ ବର୍ଷୀୟ ଜେମ୍ସ ଆର୍ମଷ୍ଟ୍ରଙ୍ଗଙ୍କୁ ବିବାହ କରିବାକୁ ଯାଉଥିଲେ। ବିବାହ ପୂର୍ବରୁ କ୍ରିସ ଏପରି ଅଜବ ସର୍ତ୍ତ ରଖିଥିଲେ, ଯାହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କ୍ରିସ କହିଛନ୍ତି, ସେ ତାଙ୍କ ପିଲାଦିନର ବନ୍ଧୁ ତଥା ତାଙ୍କ ଏକ୍ସ ବୟଫ୍ରେଣ୍ଡ ସହିତ ରହିବାକୁ ଚାହୁଁଛନ୍ତି। କ୍ରିସଙ୍କ ଏହି କଥା ଶୁଣି ଜେମ୍ସଙ୍କର କୌଣସି ଅସୁବିଧା ନ ଥିଲା ଏବଂ ସେ ସ୍ତ୍ରୀଙ୍କ ସହ ତାଙ୍କର ଆଇନଗତ ଅଭିଭାବକ ମଧ୍ୟ ହୋଇଥିଲେ। ଏକ ସାକ୍ଷାତ୍‌କାରରେ ଜେମ୍ସ କହିଥିଲେ ଯେ, ତାଙ୍କ ସ୍ତ୍ରୀ ଏବଂ ପୂର୍ବ ପ୍ରେମିକଙ୍କୁ ମଧ୍ୟ ସେ ଖୁବ୍ ଭଲ ପାଆନ୍ତି। କ୍ରିସ ୨୦୦୬ରେ ତାଙ୍କର ପିଲାଦିନର ବନ୍ଧୁ ବ୍ରେଣ୍ଡନଙ୍କୁ ଭଲ ପାଉଥିଲେ। କିଛିଦିନ ପରେ କାର୍ ଦୁର୍ଘଟଣା ହେତୁ ତାଙ୍କର ମାନସିକ ଅବସ୍ଥା ବିଗିଡ଼ି ଯାଇଥିଲା। ପ୍ରଥମେ କ୍ରିସ ତାଙ୍କ ସହିତ ରହିଲେ, ତା'ପରେ ସେ ତାଙ୍କୁ ଛାଡ଼ି ଆଗକୁ ଯିବାକୁ ବଢ଼ିଲେ। ତଥାପି ସେ ବ୍ରେଣ୍ଡନଙ୍କଠାରୁ ଦୂରରେ ରହିପାରିଲେ ନାହିଁ ଏବଂ ତାଙ୍କର ଆଇନଗତ ଅଭିଭାବକ ହେବାକୁ ଆବେଦନ କଲେ। ଏହି ସମୟରେ ସେ ଜେମ୍ସଙ୍କୁ ଭେଟିଥିଲେ ଏବଂ ବିବାହ ସମୟରେ ଉପରୋକ୍ତ ସର୍ତ୍ତ ରଖିଥିଲେ। ସ୍ତ୍ରୀ ତାଙ୍କ ପୂର୍ବ ପ୍ରେମିକଙ୍କୁ ମଧ୍ୟ ଘରକୁ ଆଣିଥିଲେ। ଯିଏ ସୋସିଆଲ ମିଡିଆରେ ସେମାନଙ୍କ କାହାଣୀ ପଢ଼ନ୍ତି ଏହି ଦମ୍ପତିଙ୍କୁ ପ୍ରଶଂସା କରିବାକୁ ଆଦୌ ଭୁଲନ୍ତି ନାହିଁ।

# ଅଟୋ ଡ୍ରାଇଭର ହେବେ ହୁମା କୁରେଶୀ



**ମୁମ୍ବାଇ:** ଅଭିନେତ୍ରୀ ହୁମା କୁରେଶୀ ତାଙ୍କ ଆଗାମୀ ଚଳଚ୍ଚିତ୍ରରେ ଜଣେ ଅଟୋରିକ୍ସା ଡ୍ରାଇଭର ଭୂମିକାରେ ନଜରକୁ ଆସିବେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଓ ଷ୍ଟୁଡିଓ ଏବଂ ଇଟେଲୋନ୍ ପ୍ରଡକ୍ସନ୍ସ ପକ୍ଷରୁ ଏହା ଘୋଷଣା କରାଯାଇଛି। ଚଳଚ୍ଚିତ୍ରର ନାମକରଣ କରାଯାଇ ନାହିଁ। ତେବେ ନାରୀ ଶକ୍ତିର ପ୍ରତୀକ ସାଜିଥିବା ଜଣେ ମହିଳାଙ୍କ ସତ୍ୟ କାହାଣୀ ଉପରେ ଚଳଚ୍ଚିତ୍ର ନିର୍ମିତ ହେବାକୁ ଯାଉଛି। ହୁମା ଏହି ଚଳଚ୍ଚିତ୍ରର ପୋଷ୍ଟର ଉନ୍ମୋଚନ କରିଛନ୍ତି। ବିଶାଲ ରାଣା ଚଳଚ୍ଚିତ୍ରର ନିର୍ମାତା ରହିଛନ୍ତି। ସମାଜରେ ନାରୀଶକ୍ତି ଉତ୍‌ଥାନର ନେତୃତ୍ୱ ନେଇଥିବା ଏବଂ ନିଜ ଭାଗ୍ୟକୁ ନିୟନ୍ତ୍ରଣ କରିବା ଲାଗି ଅନ୍ୟମାନଙ୍କୁ ପ୍ରେରଣା ଯୋଗାଉଥିବା ମହିଳା ଅଟୋ ଡ୍ରାଇଭରଙ୍କ କାହାଣୀକୁ ନେଇ ଚଳଚ୍ଚିତ୍ର ଆଗେଇଛି। ହୁମା ସୋସିଆଲ ମିଡିଆରେ ଶେୟାର କରିଥିବା ପ୍ରଥମ ପୋଷ୍ଟରରେ ସେ କ୍ୟାପ୍‌ଶନ ଲେଖିଛନ୍ତି, 'ହୁମା କୁରେଶୀ-ବିଶାଲ ରାଣା-ଜିଓ ଷ୍ଟୁଡିଓ ଆପଣମାନଙ୍କ ପାଇଁ ସେମାନଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର ଆଣୁଛନ୍ତି'। ଚଳଚ୍ଚିତ୍ରରେ ଚରିତ୍ରକୁ ଜୀବନ୍ତ କରିବାରେ କୁରେଶୀଙ୍କ ସାମର୍ଥ୍ୟ ଉପରେ ବିଶାଲ ଆସ୍ଥା ପ୍ରକଟ କରିଛନ୍ତି। ବିପୁଲ ମେହେଟ୍ଟା ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Lady Office Clerk Wanted
Free Accommodation
Free Fooding
Salary 15000
Near Phulanakhara
7809525452

See Career Appointment on every Wednesday & Saturday

Reputed Company in Hyderabad, Telangana Requires
Senior CNC Machine Operators / Programmers
with min.4-5 Yrs Exp.
Freshers as Trainees can also apply
info@dhruvaaerospace.com
Good Salary with Initial Accommodation
Ph: 98489 85418

WANTED
The following staff required for
SANSKRIT EDUCATION
Last date is 28.03.2024. Apply immediately to **TRUSTEE, Harakumar Chhaya Centre for Social Development, Tamalsasan, Chaudakulat, Kendrapara.** Sahityacharya (10 Nos.), Shastri (20 Nos.), +3 Arts Trained (10 Nos.), +2 Arts / Science (20 Nos.), Clerk (10 Nos.), D.E.O. (10 Nos.), Peon (10 Nos.) as per Govt. scale of pay with Bank Draft Rs.500/- in favour of TRUSTEE.
Contact: 7381965998

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ । ବୟସ ୧୮ ରୁ ୩୫, ଦରମା - ୮୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି । ଶିଘ୍ର ଯୋଗାଯୋଗ କରନ୍ତୁ ।
Contact : 8327754443

ODIA DTP OPERATOR REQUIRED
SALARY 10K TO 15K MONTHLY
LOCATION:
GARAGE CHHAK, SAMANTARAPUR, BHUBANESWAR
CALL- 9776662277
7377002455

WE ARE HIRING !
M/s Birla Tyres Ltd, Balasore Unit has been recently acquired by M/s. Dalmia Bharat Refractories Limited and M/s. Himadri Speciality Chemical Limited, vide order of National Company Law Tribunal, Kolkata Bench, (Court II), Kolkata.
M/s Birla Tyres Ltd, will be starting the operations soon and would like to invite the applications of all interested individuals in workmen/operator category who wish to contribute their services in the Company as per the below fitment criteria, in phase-I as initial requirement.
FITMENT CRITERIA
Qualification : Minimum 12th Pass / ITI Pass
Experience : Minimum 10 years of experience in Maintenance & Equipment Handling related to Tyre Manufacturing in Orissa
Age : Maximum 55 years
Location : Birla Tyres Ltd, Bampada, Balasore, Odisha, 756056
SKILL SET
- Knowledge of Safety Procedures and Standards.
- Required Medical fitness to work in shopfloor.
- Work knowledge in the stream of Electrical, Electronics, Instrumentation, Mechanical, Utility Department.
- Hands on experience in Preventive, Corrective & Schedule Maintenance.
Interested candidates fulfilling the above criteria are requested to appear for the personal interview along with their Updated CV, Qualification Certificates, Proof of Services, Aadhaar Card, Pan Card on 13th & 14th March 2024 @ 10:00 am at NOCCi Business Park, Bampada, Balasore, Infront of CIPET College, Odisha-756056.
Candidates who are willing but not being able to attend the interview may send their resumes to: **career@birlatyre.com**

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work. Certified DEC 2023 - DEC 2024 INDIA
Advt. No. 02 /2024, Dated : 01/03/2024
WALK-IN-INTERVIEW FOR ENGAGEMENT AS DOCTORS ON CONTRACTUAL BASIS
Rourkela Steel Plant invites personnel, fulfilling the eligibility criteria given below, to appear in the Walk-in-Interview on 19/03/2024 during 9.30 am to 11.00 am at Conference Hall, Ispat General Hospital, Sector-19, Rourkela-769005 (Odisha) for engagement as Specialist / GDMO for its Hospitals at Rourkela and at different Mines under Odisha Group of Mines (OGoM) on contractual basis.
(A) For engagement in IGH/OHSC/other units of M&HS Deptt. at Rourkela

| Discipline | Nos. to be Engaged | Upper Age limit as on 19/03/2024 | Qualification as on 19/03/2024 |
|---|---|---|---|
| Specialist (Orthopaedics) | 01 | 69 years | MBBS with MS/DNB or PG Diploma (02 years) in Orthopaedics from a university / institute recognized by MCI / NMC / NBE. |
| GDMO | 03 | 69 years | MBBS from a university / institute recognized by MCI/NMC/NBE. Must have completed internship. |

(B) For engagement in Hospitals of OGoM at BOLANI / TENSA (BARSUAN) / KALTA MINES

| Discipline | Nos. to be Engaged | Upper Age limit as on 19/03/2024 | Qualification as on 19/03/2024 |
|---|---|---|---|
| Specialist (Ophthalmology) | 01 | 69 years | MBBS with MS/DNB or PG Diploma (02 years) in Ophthalmology from a university / institute recognized by MCI/NMC/NBE. |
| Specialist (Medicine) | 01 | 69 years | MBBS with MD/DNB or PG Diploma (02 years) in Medicine from a university/ institute recognized by MCI/NMC/NBE. |
| Specialist (O&G) | 01 | 69 years | MBBS with MS/DNB or PG Diploma (02 years) in O&G from a university / institute recognized by MCI/NMC/NBE. |
| Specialist (Paediatrics) | 02 | 69 years | MBBS with MD/DNB or PG Diploma (02 years) in Paediatrics from a university/ institute recognized by MCI/NMC/NBE. |
| GDMO | 02 | 69 years | MBBS from a university / institute recognized by MCI/NMC/NBE. Must have completed internship. |

For full details of advertisement please visit Company's website at www.sail.co.in at the link "Careers". Any subsequent changes if made in this employment notice shall be communicated through SAIL website. Candidates are advised to keep themselves updated of the changes, if any.
Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
*There's a little bit of SAIL in everybody's life*


# ପ୍ରେସ୍ ବିଜ୍ଞପ୍ତି

## ଜନସାଧାରଣଙ୍କ ଅବଗତି ନିମନ୍ତେ

## KISSର ୧୦ ଏକର ଜଙ୍ଗଲ ଜମିର Forest Land Diversion

- କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ (KISS) ହେଉଛି ବିଶ୍ୱର ସର୍ବବୃହତ୍ତ ଜନଜାତି ଅନୁଷ୍ଠାନ।
- KISS ଏକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ। ଏହା ସମ୍ପୂର୍ଣ୍ଣ ଆବାସିକ ଓ ଦେୟମୁକ୍ତ।
- KISSରେ ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ କର୍ମରତ।
- ଦୀର୍ଘ ୩୧ ବର୍ଷ ଧରି KISS ଜରିଆରେ ନିରନ୍ତର ଶିକ୍ଷାଦାନ କରି ଜନଜାତି ପିଲାଙ୍କୁ ଜାଗ୍ରତ କରିବା ସହ ସମାଜରେ ଭଲ ମଣିଷ ଭାବେ ଛିଡ଼ା ହେବାକୁ ସାହସ ଯୋଗାଇଛନ୍ତି ଅଚ୍ୟୁତ ସାମନ୍ତ।
- ଶତାଧିକ ଜନଜାତି ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ସହ କରୁଛନ୍ତି ପୃଥିବୀ ପରିଭ୍ରମଣ।
- ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ KISSର ୧୦ ଏକର ଜଙ୍ଗଲ କିସମ ଜମିର Forest Land Diversion ହୋଇଛି।
- KISSର ଏହି ଜଙ୍ଗଲ କିସମ ଜମିର Forest Land Diversion ପାଇଁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ୨୦୦୭ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୧୭ବର୍ଷ କାଳ ନିରନ୍ତର ପ୍ରୟାସ କରି ସଫଳତା ପାଇଛନ୍ତି।
- ପ୍ରକାରାନ୍ତରେ ଏହା ଜନଜାତି ଛାତ୍ରଛାତ୍ରୀ, ଅଭିଭାବକ ଓ ସମଗ୍ର ଜନଜାତି ସମ୍ପ୍ରଦାୟର ସଫଳତା।
- ଏଥିପାଇଁ ଅଚ୍ୟୁତ ସାମନ୍ତଙ୍କୁ କିଛି ନକାରାତ୍ମକ ଲୋକଙ୍କଠାରୁ ଅନେକ ଦୁଃଖ, କଷ୍ଟ, ଲାଞ୍ଛନା ଓ ଗଞ୍ଜଣା ସହିବାକୁ ପଡ଼ିଛି। କିଛି ନକାରାତ୍ମକ ବ୍ୟକ୍ତି, କିଛି ବିତ୍ତଶାଳୀ ବ୍ୟକ୍ତିଙ୍କ ଅର୍ଥବଳରେ ଅଚ୍ୟୁତ ସାମନ୍ତଙ୍କୁ ୧୦ବର୍ଷ ଧରି ସମଗ୍ର ବିଶ୍ୱରେ ଜମି ମାଫିଆ ଭାବେ ନିନ୍ଦିତ କରିଆସିଛନ୍ତି।
- ଏଥିରେ ଅଚ୍ୟୁତ ସାମନ୍ତ ଭାଙ୍ଗି ପଡ଼ିନାହାନ୍ତି କି ଜନଜାତିଙ୍କ ସେବାରୁ ନିବୃତ୍ତ ହୋଇନାହାନ୍ତି କିମ୍ବା ଏହାକୁ ଭ୍ରୂକ୍ଷେପ କରିନାହାନ୍ତି। ନିଜ ଲକ୍ଷ୍ୟରେ ସେ ଅଗ୍ରସର ହୋଇ KIIT ଓ KISSକୁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ KISSର ଏହି ୧୦ ଏକର ଜମିର କିସମ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି।
- ଆଜି ଅଚ୍ୟୁତ ସାମନ୍ତ ନିଜକୁ ଓ KISSକୁ ମିଥ୍ୟା ଅପବାଦରୁ ମୁକ୍ତ କରିଛନ୍ତି।
- ଅଚ୍ୟୁତ ସାମନ୍ତଙ୍କ ନାମରେ କୌଣସି ଜମି କିମ୍ବା ଘର ନଥିବା ବେଳେ ତାଙ୍କୁ କୁଚକ୍ରୀ ଗୋଷ୍ଠୀ ଜମି ମାଫିଆ ଭାବେ ଦେଶ ଓ ଦେଶ ବାହାରେ ପିଟିସନ୍ ପକାଇ ନିନ୍ଦିତ କରିଆସୁଥିଲେ।
- ୨୫ବର୍ଷ ବୟସରୁ ସେ ଜନଜାତି ଓ ସମାଜସେବା ପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛନ୍ତି। ତାଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ।
- ଗତ ୧୭ବର୍ଷ ମଧ୍ୟରେ ପଲ୍ଲୀସଭା/ଗ୍ରାମସଭାଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରକୁ ଦୌଡ଼ି ନିୟମ ଅନୁସାରେ ଏହି କାମଟିକୁ ସଫଳ କରାଇଛନ୍ତି।
- ଏଥିପାଇଁ KISSର ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, KISS ଅଭିଭାବକ ସଂଘ, ଓଡ଼ିଶା ଆଦିବାସୀ ଫୋରମ୍, ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ଓ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ଜନଜାତିର ଜନନାୟକ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ।

| | | | | | |
|---|---|---|---|---|---|
| ଶାନ୍ତି ମୁର୍ମୁ | ଦୁଲା ବାଙ୍କିରା | ରାମ ଶବର | କାଦେ ସୋରେନ୍ | ନିରଞ୍ଜନ ବିଶି | ବାଳକୃଷ୍ଣ ଶବର |
| ସଭାପତି, କିସ୍ ଛାତ୍ରସଂଘ (ପଞ୍ଜୀକୃତ) | ସଭାପତି, କିସ୍ ପୁରାତନ ଛାତ୍ରସଂଘ (ପଞ୍ଜୀକୃତ) | ସଭାପତି, କିସ୍ ଅଭିଭାବକ ସଂଘ (ପଞ୍ଜୀକୃତ) | ସଭାପତି, ଓଡ଼ିଶା ଆଦିବାସୀ ଫୋରମ (ପଞ୍ଜୀକୃତ) | ସଭାପତି, ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ (ପଞ୍ଜୀକୃତ) | ସଭାପତି,ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ (ପଞ୍ଜୀକୃତ) |

ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ Bhubaneswar, Saturday, March 9/ 2024

# ଭାରତ ନିୟନ୍ତ୍ରଣରେ ଧର୍ମଶାଳା ଟେଷ୍ଟ

ଧର୍ମଶାଳା,୮।୩(ପି.ଟି.)

ଶୁବମନ୍ ଗିଲ ଓ ରୋହିତ ଶର୍ମାଙ୍କ ଶତକ ବଳରେ ଇଂଲଣ୍ଡ ବିପକ୍ଷ ଧର୍ମଶାଳାରେ ଖେଳାଯାଉଥିବା ଅନ୍ତିମ ଟେଷ୍ଟକୁ ନିୟନ୍ତ୍ରଣରେ ରଖିଛି ଭାରତ। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮ ଉଇକେଟ ହରାଇ ୪୭୩ ରନ୍ କରିଛି। ହାତରେ ୨ ଉଇକେଟ ଥିବାବେଳେ ଦଳ ୨୫୫ ରନର ଅଗ୍ରଣୀ ହାସଲ କରିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୩୫/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରୋହିତ ଶର୍ମା ଓ ଶୁବମନ ଗିଲ୍ ନିଜ ଶତକ ପୂରଣ କରିବା ସହ ୧୭୧ ରନ୍ ଯୋଡିଥିଲେ। ଉଭୟ ଇଂଲଣ୍ଡ ବୋଲରଙ୍କ ବିପକ୍ଷରେ ମନ ଭରି ରନ୍ ସଂଗ୍ରହ କରିଥିବା ବେଳେ ରୋହିତ ଶର୍ମାଙ୍କୁ ଆଉଟ କରି ବେନ୍ ଷ୍ଟୋକ୍ସ ଏହି ଯୋଡି ଭାଙ୍ଗିଥିଲେ। ଆଉଟ ହେବା ପୂର୍ବରୁ ରୋହିତ ୧୬୨ ବଲ୍ ଖେଳି ୧୦୩ ରନ୍ କରିଥିଲେ। ଏହି ଇନିଂସରେ ୧୩ ଚୌକା ଓ ୩ ଛକା ସାମିଲ ଥିଲା। ମାତ୍ର ୪ ରନ୍ ମଧ୍ୟରେ ଶୁବମନ୍ ଗିଲ୍ ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ୧୫୦ବଲ୍ ଖେଳି ୧୨ ଚୌକା ଓ ୫ ଛକା ସହ ସେ ୧୧୦ ରନ୍ କରି ଆଉଟ ହୋଇଥିଲେ। ତେବେ ପଦାର୍ପଣ କରିଥିବା ଦେବଦତ୍ତ ପଡିକଲ ଓ ସର୍ଫରାଜ ଖାଁ ଚମତ୍କାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଉଭୟ ଚତୁର୍ଥ ଉଇକେଟରେ ୯୭ ରନ୍ ଯୋଡି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ପଡିକଲ୍ ୧୦୩ ବଲ୍ ଖେଳି ୧୦ ଚୌକା ଓ ୧ ଛକା ସହ ୬୫ ରନ ସ୍କୋର କରିଥିଲେ। ଅନ୍ୟପକ୍ଷରେ ସର୍ଫରାଜ ନିଜ ଚମତ୍କାର ଫର୍ମ ବଜାୟ ରଖି ୬୦ ବଲ୍‌ରୁ ୫୬ ରନ୍ କରିଥିଲେ। ସର୍ଫରାଜଙ୍କ ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଶୋଏବ ବଶିର। ପରବର୍ତ୍ତୀ ୨ ବ୍ୟାଟର ରବୀନ୍ଦ୍ର ଜାଡେଜା ଓ ଧ୍ରୁବ ଜୁରେଲ ୧୫ ରନ୍ ଲେଖାଏ କରି ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଶତକୀୟ ଟେଷ୍ଟ ଖେଳୁଥିବା ରବିଚନ୍ଦ୍ରନ ଅଶ୍ୱିନ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ତେବେ ଯଶପ୍ରୀତ୍ ବୁମ୍‌ରା(୧୯) ଓ କୁଲଦୀପ ଯାଦବ(୨୭) ନବମ ଉଇକେଟରେ ଅବିଭାଜିତ ୪୫ ରନ ଯୋଡ଼ିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ୪ ଉଇକେଟ ନେଇଥିବା ବେଳେ ଟମ ହାର୍ଟଲେ ୨ ଉଇକେଟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜେମ୍ସ ଆଣ୍ଡରସନ୍ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଶତକ ହାସଲ ପରେ ଶୁବମନ ଗିଲ୍।

**ରୋହିତ, ଗିଲ୍‌ଙ୍କ ଶତକ**

**ପଦାର୍ପଣରେ ପଡିକଲଙ୍କ ଅର୍ଦ୍ଧଶତକ**

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୨୧୮/୧୦। ଭାରତ ପ୍ରଥମ ଇନିଂସ ୧୨୦ ଓଭରରେ ୪୭୩/୮ (ଯଶସ୍ୱୀ ଜୟସ୍ୱାଲ-୫୭, ରୋହିତ ଶର୍ମା-୧୦୩, ଶୁବମନ ଗିଲ-୧୧୦, ଦେବଦତ୍ତ ପଡିକଲ-୬୫, ଶୋଏବ ବଶିର-୪/୧୭୦,ଟମ୍ ହାର୍ଟଲେ-୨/୧୨୬, ବେନ୍ ଷ୍ଟୋକ୍ସ-୧/୧୭, ଜେମ୍ସ ଆଣ୍ଡରସନ୍-୧/୫୯)।

# ଦୀପ୍ତି ଶର୍ମାଙ୍କ ଲଢୁଆ ଅର୍ଦ୍ଧଶତକ

ନୂଆଦିଲ୍ଲୀ,୮।୩

ଓମେନ୍ସ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଲଢୁଆ ଅର୍ଦ୍ଧଶତକ ହାସଲ କରିଛନ୍ତି ଦୀପ୍ତି ଶର୍ମା। ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୱାରିଅର୍ଜ ୨୦ ଓଭରରେ ୮ ଉଇକେଟରେ ୧୩୮ ରନ୍ ସଂଗ୍ରହ କରିଛି। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ଦିଲ୍ଲୀ କ୍ୟାପିଟାଲ୍ସ ୧୩ ଓଭରରେ ୨ ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ୱାରିଅର୍ଜ ଦଳୀୟ ସ୍କୋର ୧୦ ରନ୍‌ରେ କିରଣ ନଭଗିରେ(୫)ଙ୍କ ଉଇକେଟ ହରାଇଥିଲା। ଅଧିନାୟିକା ଆଲିସା ହିଲି(୨୯) ଓ ଦୀପ୍ତି ଶର୍ମା(୫୯) ଦ୍ୱିତୀୟ ଉଇକେଟରେ ୪୬ ରନ୍ ଯୋଡିଥିଲେ। ଟାଲିଆ ମ୍ୟାକଗ୍ରା(୩), ଗ୍ରେସ୍ ହାରିସ୍(୧୪), ଶ୍ୱେତା ଶେରାୱତ(୪) ଓ ପୁନମ ଖେମନାର(୧) ବିଫଳ ହୋଇଥିଲେ। ତେବେ ଦୀପ୍ତି ଏକାକୀ ଲଢେଇ ଜାରି ରଖିବା ସହିତ କ୍ରମାଗତ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ। ୪୮ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରି ଶେଷ ଓଭରରେ ଆଉଟ ହୋଇଥିଲେ ଦୀପ୍ତି। ୱାରିଅର୍ଜ ପକ୍ଷରୁ କେବଳ ୩ ଜଣ ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ଥିଲେ। କ୍ୟାପିଟାଲ୍ସ ପକ୍ଷରୁ ତିତାସ ସାଧୁ ଓ ରାଧା ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଶିଖା ପାଣ୍ଡେ, ଅରୁନ୍ଧତୀ ରେଡ୍ଡୀ, ଜେସ୍ ଜୋନାସେନ୍ ଓ ଆଲିସ୍ କାପ୍‌ସି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।ଖବର ପ୍ରସ୍ତୁତ ସୁଦ୍ଧା କ୍ୟାପିଟାଲ୍ସ ୧୩ ଓଭରରେ ୨ ଉଇକେଟରେ ୯୧ ରନ୍ କରିଛି। ଶେଫାଳି ବର୍ମା ୧୫ ରନ୍ କରି ଆଉଟ ହୋଇଥିଲେ। ମେଗ୍ ଲାନିଙ୍ଗ ୬୦ ଓ ଜେମିମା ରୋଡ୍ରିଗୁଏଜ ୩ ରନରେ ବ୍ୟାଟିଂ କରୁଛନ୍ତି। ସାଇମା ଠାକୁର ୟୁପି ପକ୍ଷରୁ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର:** ୟୁପି ୱାରିଅର୍ଜ ୨୦ ଓଭରରେ ୧୩୮/୮ (ଦୀପ୍ତି ଶର୍ମା-୫୯, ଆଲିସା ହିଲି-୨୯, ଗ୍ରେସ୍ ହାରିସ୍-୧୪, ରାଧା ଯାଦବ-୨/୧୬, ତିତାସ ସାଧୁ-୨/୨୩, ଆଲିସ୍ କାପ୍‌ସି-୧/୫)।





ଏମାନେ ବି ଆପଣାଇଲେ, ଗଣ୍ଠି ବ୍ୟଥାରୁ ଆରାମ ପାଇଲେ

ସମଗ୍ର ଭାରତରେ ମିଳିଛି ପରିଣାମ

Jharkhand — ସୁରେଶ ଜୈନ, 71 ବର୍ଷ ଜଣାଇଛନ୍ତି କି ଅନେକ ଦିନ ଧରି ମୋ ଆଣ୍ଠୁରେ ଯନ୍ତ୍ରଣାର ସମସ୍ୟା ବଢ଼ିଚାଲିଥିଲା। ଚଲାବୁଲା କରିବାରେ ବି ବହୁତ କଷ୍ଟ ହେଉଥିଲା। ଦିନେ ମୁଁ ଖବରକାଗଜରେ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆର୍ଟିକଲ୍ ପଢ଼ିଲି। ନିର୍ଦ୍ଦେଶାନୁସାରେ ନିୟମିତ ମାଲିସ୍ ଓ କ୍ୟାପ୍‌ସୁଲ ସେବନ ଆରମ୍ଭ କଲି। ମାତ୍ର ଏକ ମାସରେ ହିଁ ଆଣ୍ଠୁ ବ୍ୟଥା ବହୁତ କମିଯାଇଛି। ଅଦ୍ଭୁତ ଫାଇଦା ମିଳିଛି।

Haryana — ସୁରେଶ କୁମାର, 66 ବର୍ଷ ଜଣାଇଛନ୍ତି ଯେ, ବିଗତ କିଛି ସମୟ ଧରି ତାଙ୍କର ଗଣ୍ଠି ଜାଗା ଯେପରିକି: ପିଠି, ଅଣ୍ଟା, ଆଣ୍ଠୁରେ ବ୍ୟଥାର ସମସ୍ୟା ରହୁଥିଲା। ଦିନେ ସେ ଟି.ଭି.ରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ। କିଛି ସମୟର ନିୟମିତ ବ୍ୟବହାର ଦ୍ୱାରା ତାଙ୍କ ଗଣ୍ଠି ବ୍ୟଥା ଏବେ ଭଲ ହୋଇଯାଇଛି। ଏବେ ତାଙ୍କୁ ଗଣ୍ଠି ବ୍ୟଥା ସମ୍ବନ୍ଧୀୟ କୌଣସି ସମସ୍ୟା ନାହିଁ।

Maharashtra — ବିଜୟ ଚଲ୍‌ପେ, 42 ବର୍ଷ ଜଣାଇଛନ୍ତି କି, ସେ ବହୁ ସମୟ ଧରି ପିଠି ବ୍ୟଥା ସମସ୍ୟା କାରଣରୁ ବ୍ୟଥିତ ଥିଲେ। ଡାକ୍ତରୀ ଚିକିତ୍ସା ମଧ୍ୟ କରାଇଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ। ଦିନେ ସେ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିବାକୁ ପାଇଲେ। ଏହାକୁ ନିୟମିତ ବ୍ୟବହାର କରିବା ପରେ ତାଙ୍କ ପିଠି ବ୍ୟଥା ଏବେ ସମ୍ପୂର୍ଣ୍ଣ ଭଲ ହୋଇଯାଇଛି । ସେ ଜଣାଇଛନ୍ତି ଯେ, ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ।

Uttar Pradesh — ରାଜୀବ ନିୟୋଗେ, 66 ବର୍ଷ କହନ୍ତି ଯେ, ଯଦି କେହି ଗଣ୍ଠି ବ୍ୟଥା, ଯେପରିକି: ପିଠି, ଅଣ୍ଟା, ଆଣ୍ଠୁ, କହୁଣୀ ଆଦିରେ କୌଣସି ସମସ୍ୟା ଭୋଗୁଛନ୍ତି, ତେବେ ତାଙ୍କ ପାଇଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଫଳପ୍ରଦ ଔଷଧି ଅଟେ। ତାହାର ନିୟମିତ ବ୍ୟବହାର ଦ୍ୱାରା ଗଣ୍ଠି ବ୍ୟଥାରୁ ବହୁତ ଆରାମ ମିଳିଥାଏ। ସେ ନିଜେ ମଧ୍ୟ ଡା. ଅର୍ଥୋ ବ୍ୟବହାର କରନ୍ତି ।

Madhya Pradesh — ବାବୁ ଖାନ୍ ମଂସୁରୀ, 70 ବର୍ଷ ଆମକୁ ଜଣାଇଛନ୍ତି ଯେ, ତାଙ୍କର ବହୁତ ସମୟ ଧରି ଆଣ୍ଠୁ ବ୍ୟଥାରେ ସମସ୍ୟା ରହିଥିଲା। ଦିନେ ସେ ଖବରକାଗଜରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆର୍ଟିକଲ୍ ଦେଖିଲେ। ଯାହାପରେ ସେ ନିୟମିତ 1 ବର୍ଷ ଧରି ଏହାକୁ ବ୍ୟବହାର କଲେ। ଅତି ହର୍ଷର ସହିତ ଜଣାଇଛନ୍ତି ଯେ ଆଜି ସେ ଏକଦମ୍ ଠିକ୍ ହୋଇଯାଇଛନ୍ତି ଓ ନିଜର ଦିନଚର୍ଯ୍ୟା କାମଗୁଡ଼ିକୁ ସହଜରେ କରୁଛନ୍ତି।

Madhya Pradesh — ସୁରେଶ କୁଶୱାହ, 53 ବର୍ଷ ଜଣାଇଛନ୍ତି ଯେ ବିଗତ କିଛି ବର୍ଷ ଧରି ମୋ ଆଣ୍ଠୁରେ ଅସହନୀୟ ବ୍ୟଥା ରହୁଥିଲା। ବସିବା ସମୟରେ ମଧ୍ୟ ବହୁତ କଷ୍ଟ ହେଉଥିଲା। ଦିନେ ମୋର ଜଣେ ସମ୍ପର୍କୀୟ ମୋତେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ନିୟମିତ 3 ମାସ ବ୍ୟବହାର କରିବାର ପରାମର୍ଶ ଦେଲେ। ନିର୍ଦ୍ଦେଶ ଅନୁସାରେ ନିୟମିତ ମାଲିସ ଓ କ୍ୟାପ୍‌ସୁଲ ସେବନ ପରେ ଆଜି ମୋର ବ୍ୟଥା ସମସ୍ୟା ଦୂର ହୋଇଯାଇଛି।

24x7 Helpline No.: 7876977777 • www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ — 'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ । ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ । ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ ।


# ବାଳିକା ବର୍ଗରେ ଆହାନଙ୍କୁ ଟାଇଟଲ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର,୮।୩
(ସରୋଜ ଜେନା)

**ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ**

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ (୧୨ ଓ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ) ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାର ଆହାନ ବାଳିକା ୧୪ ବର୍ଷରୁ କମ୍ ଫାଇନାଲରେ ବିଜୟୀ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳକ ବର୍ଗରେ ଶ୍ଳୋକ ଆଲନ୍ଦ ଓ ବାଳିକା ବିଭାଗରେ କ୍ରିଶିକା ଗୌତମ ବିଜୟୀ ହୋଇଛନ୍ତି। ମହାରାଷ୍ଟ୍ରର ଶ୍ଳୋକ ୭-୬(୩), ୬-୪ ସେଟ୍‌ରେ ହର୍ଷ ପ୍ରଫୁଲ ନାଗୱାନିଙ୍କୁ ପରାସ୍ତ କରିଥିଲେ। ୧୨ ବର୍ଷରୁ କମ୍ ବାଳିକା ବର୍ଗରେ କର୍ଣ୍ଣାଟକର କ୍ରିଶିକା ୬-୩, ୬-୨ ସେଟରେ ଓଡ଼ିଶାର ଏସ୍ କେ ଶଫଜାଙ୍କୁ ପରାସ୍ତ କରିଥିଲେ।

୧୪ ବର୍ଷରୁ କମ ବାଳକ ବର୍ଗରେ ତେଲଙ୍ଗାନାର ଅଥର୍ବ ଶ୍ରୀରାମୋଜୁ ୬-୩, ୬-୦ ସେଟରେ ମହାରାଷ୍ଟ୍ରର ଆରବ ଛଲାନିଙ୍କୁ ପରାସ୍ତ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ଓଡ଼ିଶାର ଆହାନ ୬-୦, ୬-୧ରେ ତାମିଲନାଡୁର ତନୁଶ୍ରୀ ସତୀଶଙ୍କୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ୧୪ ବର୍ଷରୁ କମ ବାଳକ ଡବଲ୍ସରେ ଆରବ ଛଲାନି-ରୁନମାନ ମହେଶ ୬-୩, ୩-୬(୧୨-୧୦) ସେଟରେ ଯଶ କୁମାର-ଅଥର୍ବ ଶ୍ରୀରାମୋଜୁଙ୍କୁ ପରାସ୍ତ କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ରିତ୍ ଝାୱର-ଏସ୍‌କେ ସଜଫା ୭-୫, ୩-୬(୧୦-୦)ସେଟ୍‌ରେ ସୁହାନି ଭାସିନ୍-ତନୁଶ୍ରୀ ସତୀଶଙ୍କୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଓଡ଼ିଶା ଟେନିସ୍ ଆସୋସିଏଶନର ଅବୈତନିକ ସଚିବ ସତ୍ୟଜିତ ମହାନ୍ତି, ଯୁଗ୍ମ ସଚିବ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ସମ୍ବିତ ପଟ୍ଟନାୟକ, ଏଆଇଟିଏ ସୁପରଭାଇଜର ପ୍ରବୀଣ ନାୟକ ଓ ଓଡ଼ିଶା ଟେନିସ୍ ଏକାଡେମୀର ସଦସ୍ୟ ଉପସ୍ଥିତ ଥିଲେ।

# ରକ୍ ଷ୍ଟାର ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୮।୩ (ଡିଏନ୍.ଏ)

ସ୍ଥାନୀୟ ପୋଖରିପୁଟ୍ ଖେଳପଡ଼ିଆରେ ବିହାରୀ ଲାଲ ଧମାକା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିବାବେଳେ କଟକର ରକ୍ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରକ୍‌ଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୦ ଓଭରରେ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ସିଲୁ ଏକାଦଶ ୧୫୬ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା। ଏଥିରେ ଚାମ୍ପିୟନ ଦଳକୁ ୪୦,୦୦୦ ଟଙ୍କା ସହ ଟ୍ରଫି ଏବଂ ରନରଅପ୍ ଦଳକୁ ୨୫,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମନ୍ମଥ ରାଉତରାୟ, ବାବୁ ସିଂ, ଲୁଲୁ ନନ୍ଦ, ନର୍ଭୟ ସାମନ୍ତରାୟ ଓ ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ବିହାରୀ ଲାଲ୍ ସ୍ପୋର୍ଟ୍ସ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ।


ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ଫାଇନାଲରେ କୁନାଲ, ଆଶୁତୋଷ

ଭୁବନେଶ୍ୱର,୮।୩
(ସରୋଜ ଜେନା)

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଆଶୁତୋଷ ପାଢୀ ଓ କୁନାଲ ଅଗ୍ରୱାଲ। ଶୁକ୍ରବାର ଖେଳା ଯାଇଥିବା ସେମି ଫାଇନାଲ ମ୍ୟାଚ୍‌ରେ କୁନାଲ ଅଗ୍ରୱାଲ ୬-୫ ସେଟରେ ସୁବ୍ରତ ଦାଶଙ୍କୁ ପରାସ୍ତ କରିଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଆଶୁତୋଷ ପାଢୀ ୬-୩ ସେଟରେ ରାକେଶ ରୋଶନ ପ୍ରଧାନଙ୍କୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ସୁବ୍ରତ ଓ କୁନାଲଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଡିସାଇଡର ପଏଣ୍ଟରେ ବିଜେତା ନିର୍ଣ୍ଣୟ କରାଯାଇଥିଲା। ଶନିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ଡବ୍ଲ୍ୟୁଏଫ୍‌ଆଇକୁ ୟୁଡବ୍ଲ୍ୟୁଡବ୍ଲ୍ୟୁର ସମର୍ଥନ

**ନୂଆଦିଲ୍ଲୀ, ୮।୩ (ପି.ଟି.):** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ପ୍ରତି ଏହାର ସମର୍ଥନ ଜଣାଇଛି ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)। ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ କେବଳ ଡବ୍ଲ୍ୟୁଏଫ୍‌ଆଇ ଦ୍ୱାରା ପ୍ରେରିତ କୁସ୍ତିଯୋଦ୍ଧାମାନେ ଭାଗ ନେଇପାରିବେ। ଡବ୍ଲ୍ୟୁଏଫ୍‌ଆଇ ବ୍ୟତିରେକ ଅନ୍ୟ କେହି ଏହି ଭୂମିକା ଗ୍ରହଣ କରିପାରିବେ ନାହିଁ। ଆଗାମୀ ଏସିଆନ ଚାମ୍ପିୟନଶିପ୍ ଓ କଣ୍ଟିନେଣ୍ଟାଲ ଅଲିମ୍ପିକ କ୍ୱାଲିଫାୟର୍ସ ଲାଗି ଆଡହକ୍ ପ୍ୟାନେଲର ଟ୍ରାଏଲ୍ସକୁ ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକ ବିରୋଧ କରିଥିଲେ। ତେବେ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ସଭାପତି ନିନାଦ ଲାଲୋଭିଚ୍ ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂଙ୍କୁ କହିଛନ୍ତି ଯେ, କେବଳ ୟୁଡବ୍ଲ୍ୟୁଡବ୍ଲ୍ୟୁ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଡବ୍ଲ୍ୟୁଏଫ୍‌ଆଇ କେବଳ ପ୍ରତିଯୋଗୀ ପଠାଇ ପାରିବ ବୋଲି ସ୍ପଷ୍ଟ କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ସୁଚାରୁ ରୂପେ ସମ୍ପାଦନ ହେବାପରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ନିକଟରେ ଏହା ଉପରୁ ନିଲମ୍ବନ ପ୍ରତ୍ୟାହାର କରିନେଇଥିଲା।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ